بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ:

କମ୍ଗୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 06

ବାର୍ଷିକ ଦେୟ : ୬୦୦/-

www.akhbarbadr.in

27 ରଜବ 1445 ହି.କ, 08 ତବଲିଗ୍ 1403 ହି.ଶ, 08 -FEB 2024 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اِنۡ تَتَّقُوا اللّٰهَ يَجۡعَلۡ لَّكُمۡ فُرۡقَانًا وَّيُكَفِّرۡ عَنۡكُمۡ سَيِّاٰتِكُمۡ وَيَغۡفِرۡ لَـكُمۡؕ وَاللّٰهُ ذُو الۡفَضۡلِ الۡعَظِيۡمِ عَظِيۡمٌ

**(ଅଲ୍ ଅନ୍‌ଫାଲ୍-30)**

ଅନୁବାଦ : ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ଭୟ କରିବ ତା'ହେଲେ ଅଲ୍ଲାଃତାଲା ତୁମମାନଙ୍କ ସକାଶେ ଏକ ମସ୍ତବଡ଼ ପାର୍ଥକ୍ୟସୂଚକ ବସ୍ତୁ ସୃଷ୍ଟି କରିବେ ଏବଂ ତୁମମାନଙ୍କ ଦୋଷ ଦୁର୍ବଳତାକୁ ଦୂର କରି ତୁମମାନଙ୍କୁ କ୍ଷମା ପ୍ରଦାନ କରିବେ ଏବଂ ସେ ମହାନ୍ ଅନୁଗ୍ରହକାରୀ ଅଟନ୍ତି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ମର୍କଜେ ଅହେମଦିୟତ୍ କାଦିଆନ୍ ଦାରୁଲ୍ ଅମାନ ଠାରେ 128ତମ ଜଲସା ସାଲାନାର ସଫଳତମ ଏବଂ କଲ୍ୟାଣମୟ ଆୟୋଜନ ।

ସାଂପ୍ରତିକ ଯୁଗ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣର ଯୁଗ ଓ ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଅ.ସ ହିଁ ସେହି ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଅଟନ୍ତି ଯାହାଙ୍କ ଆଗମନର ଭବିଷ୍ୟତବାଣୀ ପବିତ୍ର କୁରଆନ୍ କରିମ୍ ଓ ହ. ମୁହମ୍ମଦ ମୁସ୍ତଫା ସ.ଅ ପ୍ରଦାନ କରିଥିଲେ ।

---

ସମସ୍ତ ରାଷ୍ଟ୍ରମାନଙ୍କରେ ଜଲସାର ଆୟୋଜନ, ହ. ମସିହ୍ ମଉଦ୍ ଅ.ସଙ୍କ ନାମ ସମ୍ମାନପୂର୍ବକ ନିଆଯିବା, ଆପଣ ଅ.ସଙ୍କ ନାମର ଶ୍ଳୋଗାନ୍ ଇତ୍ୟାଦି ପ୍ରସଙ୍ଗ ହେଉଛି ସେହି ଐଶ୍ୱରୀକ ପ୍ରତିଶ୍ରୁତିର ଚରିତାର୍ଥ ତଥା ଜ୍ୱଳନ୍ତ ପ୍ରମାଣ ଯେ, ଆପଣ ଅ.ସ ହିଁ ସେହି ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଓ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆସିଅଛନ୍ତି ।

---

କାଦିଆନ୍‌ର ସେହି ଛୋଟିଆ ବସ୍ତି ଯାହା ଆଜକୁ ପ୍ରାୟ 125 ବର୍ଷ ପୂର୍ବେ ଏକ ସାଧାରଣ ବସ୍ତିଟିଏ ଥିଲା ତାହା ଆଜି ଏକ ସୁନ୍ଦର ଓ ଭବ୍ୟ ସହରର ରୂପ ଧାରଣ କରି ନେଇଛି । ସଂସାରର କୋଣ ଅନୁକୋଣରେ ଏହାର ଯଥେଷ୍ଟ ଖ୍ୟାତି ରହିଛି । ଏହି ଖ୍ୟାତି ହ. ମସିହ୍ ମଉଦ୍ ଅ.ସଙ୍କ ନାମ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି। ଆପଣ ଅ.ସଙ୍କ ସହିତ ଅଲ୍ଲାଃତାଲା ଯେଉଁ ପ୍ରତିଶ୍ରୁତି କରିଛନ୍ତି ସେହି ପ୍ରତିଶ୍ରୁତି ଅନୁଯାୟୀ ଆଜି ଉକ୍ତ ବସ୍ତିରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ସହସ୍ରାଦ୍ଧ ନାଗରିକମାନେ ଜଲସା ସାଲାନାରେ ସାମିଲ୍ ହେବା ନିମନ୍ତେ ଏକତ୍ରିତ ହୋଇଛନ୍ତି ।

---

ମୁସଲମାନମାନଙ୍କୁ ତ' ଉକ୍ତ କଥା ଉପରେ ପ୍ରସନ୍ନ ହେବା ଉଚିତ୍ ଯେ, ଆପଣ ଅ.ସ ହିଁ ସେହି ଅଙ୍ଗୀକୃତ ଧର୍ମାଧକ୍ଷ ଓ ପ୍ରତିଶ୍ରୁତ ମସିହ୍ ଅଟନ୍ତି । କାରଣ ଯେଉଁ ଅବତାରଙ୍କ ଆଗମନ ସହିତ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ଯୁଗର ଅୟମାରମ୍ଭ ଆରମ୍ଭ ହେଲା, ଦୋଷ ଦୁର୍ବଳତା ଦୂରୀଭୂତ ହେବାର ଯୁଗ ଆସିଲା ଓ ପ୍ରଚାର ପ୍ରସାର ତଥା ତବ୍‌ଲିଗର ଯୁଗ ଆସିଲା । କିନ୍ତୁ ନାମକୁ ମାତ୍ର ବିଦ୍ୱାନମାନେ ସ୍ୱାର୍ଥ, ଲାଭ ସାଧାରଣ ମୁସଲମାନମାନଙ୍କୁ ସତ୍‌ମାର୍ଗରୁ ହଟାଇବା ନିମନ୍ତେ ଉଦ୍ୟମ କରୁଛନ୍ତି। କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପ୍ରତିଶ୍ରୁତି ମଧ ରହିଛି ଯେ, ଏମିତି ଏକ ସମୟ (ଯୁଗ) ଆସିବ ଯେ, ଏହି ଲୋକମାନେ ହିଁ ଆପଣ ଅ.ସଙ୍କୁ ସ୍ୱୀକାର କରିନେବେ ।

ନିଜର ପାଲେଷ୍ଟୀନୀୟ ଭାଇ ଭଉଣୀମାନଙ୍କୁ, ପିଲାମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରର ଚକ୍ରବ୍ୟୁହରୁ ଉଦ୍ଧାର କରନ୍ତୁ । ପାକିସ୍ତାନର ଅହେମଦିମାନଙ୍କ ନିମନ୍ତେ, ଅଲ୍ଲାଃତାଲାଙ୍କ ସକାଶେ କାରାବରଣ ଭୋଗୁଥିବା ଅହେମଦିମାନଙ୍କ ନିମନ୍ତେ ମଧ ପ୍ରାର୍ଥନା କରନ୍ତୁ । ନୂତନ ବର୍ଷ ଆରମ୍ଭ ହେଉଅଛି । ଆଜି ରାତିରେ ତେହଜ୍ଜୁଦ୍ ନମାଜରେ ନବ ବର୍ଷ ମଙ୍ଗଳମୟ ହେବା ନିମନ୍ତେ, ସଂସାରରେ ଅନ୍ୟାୟ ଓ ଅତ୍ୟାଚାରର ପରିସମାପ୍ତି ହେବା ନିମନ୍ତେ, ସଂସାରକୁ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟକୁ ହୃଦୟଙ୍ଗମ କରିବା ନିମନ୍ତେ ଓ ଆପଣ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

### MTA ଇଣ୍ଟରନେସନାଲ ମାଧ୍ୟମରେ ସେୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦୁହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜଙ୍କ ଇସଲାମାବାଦ ୟୁ.କେରୁ ଜଲସାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ଚାତୁର୍ଯ୍ୟ ବର୍ଦ୍ଧକ ଉଦଯାପନୀ ଉଦବୋଧନୀ ।

☆ତିନି ଦିନ ଧରି ଜଲ୍‌ସାର କାର୍ଯ୍ୟକ୍ରମର ସିଧାପ୍ରସାରଣ ଓ ଏମ.ଟି.ଏ ମାଧ୍ୟମରେ ଦେଶ ବିଦେଶର ରାଷ୍ଟ୍ରମାନେ ଜଲ୍‌ସାରୁ ବ୍ୟାପକ ରୂପେ ଉପକୃତ ହେବା☆ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଏକ ଲକ୍ଷ ଷୋହଳ ହଜାର ଚାରି ଶହ ସଦସ୍ୟ ଜଲସା ସାଲାନାର କାର୍ଯ୍ୟକ୍ରମ ଦେଖିଲେ ଓ ଶୁଣିଲେ☆14930 ଜଣ ଅହେମଦିୟ ପ୍ରେମୀ ଜଲ୍‌ସା ସାଲାନାରେ ସାମିଲ୍ ହେଲେ☆42ଟି ଦେଶର ଉକ୍ତ ଜଲସା ସାଲାନାରେ ପ୍ରତିନିଧିତ୍ୱ☆କେତେକ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଜଲ୍‌ସା ଓ ଉଦ୍‌ଯାପନୀ ଉଦ୍‌ବୋଧନରେ ଅଂଶ ଗ୍ରହଣ କଲେ☆ଉଦ୍‌ଯାପନୀ ଉଦ୍‌ବୋଧନରେ ଇସ୍‌ଲାମାବାଦ ୟୁ.କେରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଜନସମାଗମ☆ନମାଜ ତେହଜ୍ଜୁଦ୍। ଦରସୁଲ୍ କୁରଆନ୍ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିବେଶକୁ ମୁଖରିତ କରିବା☆ବିଦ୍ୱାନ୍‌ମାନଙ୍କର ମର୍ମସ୍ପର୍ଶୀ ଭାଷଣ☆୨ଟି ଭାଷାରେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମର ସିଧା ସଳଖ ଅନୁବାଦ☆ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଜ୍ଞାନରେ ଅଭିବୃଦ୍ଧି ନିମନ୍ତେ ସାଂସ୍କାରିକ ବିଷୟବସ୍ତୁ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ ଓ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ☆ନିକାହ୍ ଆଦିର ଘୋଷଣା☆ମୁଦ୍ରିତ ଗଣମାଧମ ଏବଂ ଇଲେକ୍ଟ୍ରୋନିକ (ବୈଦ୍ୟୁତିକ) ଗଣମାଧମରେ ଜଲ୍‌ସାର କଭରେଜ୍☆ପ୍ରଶାନ୍ତମୟ ତଥା ସୁଖକର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମାପନ☆**(ମନ୍‌ସୁର୍ ଅହେମଦ ମସ୍ରୁର୍, ରିପୋର୍ଟିଂ ସଂଚାଳକ)**

### (ତୃତୀୟ ଭାଗ ଶେଷାଂଶ)

### ତା-31 ଡିସେମ୍ବର 2023 ମସିହା ରବିବାର, ତୃତୀୟ ଦିନ ଜଲ୍‌ସାର ପ୍ରଥମ ସତ୍ର ଇଜ୍‌ଲାସ୍

ତୃତୀୟ ଦିନ ପ୍ରଥମ ସତ୍ର ଇଜ୍‌ଲାସ୍ ସମ୍ମାନନୀୟ ମୁନୀର୍ ଅହେମଦ ସାହେବ ଖାଦିମ୍, ଅତିରିକ୍ତ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ଜୁନୁବୀ (ଦକ୍ଷିଣ ଭାରତ) ହିନ୍ଦ୍ କାଦିଆନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଯାମିଆ ଅହେମଦିୟା କାଦିଆନ୍‌ର ଛାତ୍ର ଆୟୁଷ୍ମାନ ମୁହମ୍ମଦ୍ ଇବ୍ରାହିମ୍ ସାହେବ ତିଲାୱତ୍ କୁରଆନ୍ କରୀମ୍ କଲେ। ଆୟୁଷ୍ମାନ୍ ପବିତ୍ର କୁରଆନ୍ କରୀମ୍‌ର ସୁରତୁଲ୍ ଜୁମାର ଆୟତ୍ ନଂ1-5ର ତିଲାୱତ୍ କଲେ । ଏହାର ଉର୍ଦ୍ଦୁ ଅନୁବାଦ ନାଜିର୍ ବୈତୁଲ୍ ମାଲ୍ କାଦିଆନର ସମ୍ମାନନୀୟ

ରଫିକ୍ ଅହେମଦ ବେଗ୍ ସାହେବ ଉପସ୍ଥାପିତ କଲେ । ଏତଦ୍‌ପରେ ସମ୍ମାନନୀୟ ଅବ୍ଦୁଲ୍ ୱାସେ ମଲ୍‌କାନା ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ନିମ୍ନ ଲିଖିତ କବିତା ଅତ୍ୟନ୍ତ ସୁନ୍ଦର କଣ୍ଠରେ ପାଠ କରି ଶୁଣାଇଲେ।

نورِ فُرقاں ہے جو سب نور سے اجلا نکلا
پاک وہ جس سے یہ انوار کا دریا نکلا

ତୃତୀୟ ଦିନର ପ୍ରଥମ ଅଧିବେଶନ ବା ପ୍ରଥମ ସତ୍ରର ପ୍ରଥମ ଭାଷଣ ସମ୍ମାନନୀୟ ଅତାଉଲ୍ ମୁଜିବ ଲୋନ୍ ସାହେବ ପ୍ରିଂସିପାଲ୍ ଯାମିଆ ଅହେଦିୟା କାଦିଆନ୍ **"ଅଫ୍‌ଜାଲେ ଇଲାହିୟା କେ ନୁଜୁଲ୍ ଅଉର୍ ସିଲ୍‌ସିଲା ଆଲିୟା ଅହେମଦିୟା କି ତରକ୍କିୟାତ୍" (ଅଲ୍ଲାଃତାଲାଙ୍କର ଅପାର କୃପାର ଅବତୀର୍ଣ୍ଣ ଏବଂ ଅହେମଦିୟା ସଂପ୍ରଦାୟର ଉନ୍ନତି)** ବଷୟବସ୍ତୁ ଉପରେ ଇଜ୍‌ଲାସର ପ୍ରଥମ ଭାଷଣ ପ୍ରଦାନ କଲେ ।

ଏତଦ୍‌ପରେ ଇଜ୍‌ଲାସର ଦ୍ୱିତୀୟ ଭାଷଣ ସମ୍ମାନନୀୟ ଜମାଲ୍ ଶରିୟତ୍ ସାହେବ ନାଏବ୍ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ନୁରୁଲ୍ ଇସ୍‌ଲାମ୍ କାଦିଆନ୍ **"ଫରିଜା ଦାୱତେ ଇଲଲ୍ଲାଃ ଅଉର ଜମାଆତ ଅହେମଦିୟା କି ଜିମ୍ମେଦାରିୟାଁ"** ବିଷୟ ବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ।

### ଅତିଥିମାନଙ୍କ ସଂକ୍ରାନ୍ତରେ ପରିଚୟାତ୍ମକ ଭାଷଣ

ଏତଦ୍‌ପରେ ସମ୍ମାନନୀୟ ମୁହମ୍ମଦ୍ ବିନ୍ ସାଲେହ୍ ସାହେବ ଅମୀର ଓ ମିଶ୍‌ନାରୀ ଇନ୍‌ଚାର୍ଜ ଘାନା, ଡଃ. ମାର୍କଣ୍ଡେ ରାୟ ସାହେବ ଗ୍ଲୋବାଲ୍ ପିସ୍ ଚେୟାରମ୍ୟାନଙ୍କର ପରିଚୟାତ୍ମକ ଭାଷଣ ଦେଲେ ।

ଜଲ୍‌ସାର ତୃତୀୟ ଭାଷଣ ସମ୍ମାନନୀୟ ହାଫିଜ୍ ମଖ୍‌ଦୁମ୍ ଶରୀଫ୍ ସାହେବ ସ୍ଥାନାପନ୍ନ ଅତିରିକ୍ତ ନାଜିରେ ଆଲା ଜୁନୁବୀ ହିନ୍ଦ କାଦିଆନ୍ **"ସିରତ୍ ହ. ମସିହ୍ ମଉଦ୍ ଅ.ସ ଅହ୍‌ମଦେ କୁରଆନେ କରୀମ୍ କି ରୌଶନୀ ମେଁ"** ( ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ପବିତ୍ର କୁରଆନ୍ କରୀମର ମାହାତ୍ମ୍ୟ ପ୍ରକାଶରେ) ବିଷୟ ବସ୍ତୁ ଉପରେ ପ୍ରଦାନ କଲେ ।

### ଉଦ୍‌ଯାପନୀ ସମାରୋହ୍

ସମ୍ମାନନୀୟ ମୁହମ୍ମଦ୍ ଇନାମ୍ ଗୌରୀ ସାହେବ ନାଜିର୍ ସାହେବ ଆଲା ଏବଂ ଅମୀର୍ ଜମାଅତ୍ ଅହେମଦିୟା କାଦିଆନ୍‌ଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସମାରୋହ ଆରମ୍ଭ ହେଲା । ସମ୍ମାନନୀୟ ଫାରୁକ୍ ଆଜମ୍ ସାହେବ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କଲେ ଓ ସମ୍ମାନନୀୟ ମୌଲବୀ ଶମିମ୍ ଅହେମଦ ଗୌରୀ ସାହେବ ସଦର୍ ମଜଲସି ଖୁଦ୍ଦାମୁଲ୍ ଅହେମଦିୟା ଭାରତ ଏହାର ଅନୁବାଦ ଉପସ୍ଥାପିତ କଲେ । ସମ୍ମାନନୀୟ ନସ୍ରୁ ମିନଲ୍ଲାଃ ସାହେବ ନାଏବ୍ ନାଜିର୍ ଉମୁରେ ଆମ୍ମା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପବିତ୍ର କବିତା "نونہالانِ جماعت مجھے کچھ کہنا ہے" ଅତ୍ୟନ୍ତ ସୁନ୍ଦର କଣ୍ଠରେ ଶୁଣାଇଲେ । ଏତଦ୍‌ପରେ ତେହ୍‌ରିକ୍ ଉଦ୍ଦେଶ୍ୟକୁ କେନ୍ଦ୍ର କରି ସମ୍ମାନନୀୟ ସେକ୍ରେଟାରୀ ସାହେବ ମଜ୍‌ଲିସ୍ କାର୍‌ପର୍ଦ୍ଦାଜ୍ କମିଟି ବହିଶ୍‌ତି ମକବରାହ୍ କାଦିଆନ୍ 2023 ମସିହାରେ ଅଖିଳ ଭାରତୀୟ ସ୍ୱର୍ଗତ ମୁସିୟାନ୍ (ଓସିୟତକାରୀ)ଙ୍କ ନାମ ଓ ରାଜ୍ୟ କ୍ରମାନ୍ୱୟରେ ପାଠ କରି ଶୁଣାଇଲେ ।

### ସମ୍ମାନନୀୟ ସଭାପତି ମହୋଦୟ ନାଜିର୍ ସାହେବ ଆଲା ତଥା ଅମୀର୍ ମକାମି (ସ୍ଥାନୀୟ) କାଦିଆନ୍‌ଙ୍କ ଶ୍ରୋତମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ପରେ ସ୍ଥାନୀୟ ଅମୀର ହିସାବରେ ଶେଷ ଦୁଆ କରାଇଲେ ।

ଏତଦ୍‌ପରେ ଲଣ୍ଡନରୁ ଜଲସା ସାଲାନାର ଉଦ୍‌ଯାପନୀ ସମାରୋହ ସଂକ୍ରାନ୍ତରେ ବିଶେଷ ପ୍ରସାରଣର ଶୁଭାରମ୍ଭ ହେଲା । ଲଣ୍ଡନ ଷ୍ଟୁଡ଼ିଓରୁ ବରିଷ୍ଠ ବିଦ୍ୱାନ୍‌ମାନଙ୍କର ପ୍ୟାନେଲ୍ (ବିଶାରଦ ଦଳର ସଭ୍ୟଗଣ) ଜଲସା ସାଲାନା କାଦିଆନ୍ ସଂକ୍ରାନ୍ତରେ ନିଜର ବିଶ୍ୱାସବର୍ଦ୍ଧକ ପ୍ରତିକ୍ରିୟା ବର୍ଣ୍ଣନା କରୁଥିଲେ ଓ ଜଲସା ଗାହ୍ କାଦିଆନ୍‌ରୁ ମୌଲବୀ ଅତାଉଲ୍ ମୁଜିବ୍ ଲୋନ୍ ସାହେବ ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ତଥା ପ୍ରଂସିପାଲ୍ ଯାମିଆ ଅହେମଦିୟା କାଦିଆନ୍ ଜଲସା ସାଲାନା ସଂପର୍କରେ ଅତ୍ୟନ୍ତ ଉପାଦେୟ ଜ୍ଞାନ ପ୍ରଦାନ କରୁଥିଲେ ।

ଜଲସା ସାଲାନା କାଦିଆନର ଆଧ୍ୟାତ୍ମିକପୂର୍ଣ୍ଣ ଦୃଶ୍ୟ ଏବଂ କାଦିଆନ୍‌ର ଆକର୍ଷଣୀୟ ସ୍ଥାନମାନଙ୍କରୁ ତତ୍‌ସମ୍ବନ୍ଧୀୟ ରୋଚକପୂର୍ଣ୍ଣ ଡକ୍ୟୁମେଣ୍ଟାରୀ ଏମ୍.ଟି.ଏ ଭାରତ ପକ୍ଷରୁ ଏମ୍.ଟି.ଏ ଇଣ୍ଟରନେସନାଲର ଶୋଭ ବର୍ଦ୍ଧନକାରୀ ସାଜିଲା । ଅମୀରୁଲ୍ ମୁମିନିନ୍ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିଲ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍‌ଙ୍କ ଆଗମନ ଏବଂ ନଭଶ୍ଚୁମ୍ବୀ ସ୍ଲୋଗାନ୍ (ନାରାଏ ତକ୍‌ବିର୍) ସହିତ ଏମ୍.ଟି.ଏ ଇଣ୍ଟରନେସନାଲରୁ ଜଲସା ସାଲାନା କାଦିଆନ୍ 2023ର ଉଦ୍‌ଯାପନୀ ସମାରୋହର ପ୍ରାରମ୍ଭ ହେଲା । ଇତ୍ୟବସରରେ ଅଫ୍ରିକାର ଚାରୋଟି ଦେଶରେ ମଧ୍ୟ ଜଲସା ସାଲାନା ଅନୁଷ୍ଠିତ ହେଉଥିଲା ଏବଂ କାଦିଆନ୍ ଦାରୁଲ୍ ଅମାନ୍ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ଜଲସା ସାଲାନାର ସିଧା ପ୍ରସାରଣ କରାଯାଉଥିଲା ।

ଭାରତୀୟ ସମୟାନୁସାର ଠିକ୍ 4.00ଟା ବେଳେ ହୁଜୁର ଅନ୍‌ୱର୍ ଅ.ବ ନଭଶ୍ଚୁମ୍ବୀ ସ୍ଲୋଗାନ୍‌ରେ ଏୱାନେ ମସ୍ରୁରରେ ପଦାର୍ପଣ କଲେ । ହୁଜୁର ଅନ୍‌ୱର୍ ଅ.ବ ସମସ୍ତ ଅଂଶଗ୍ରହଣକାରୀଙ୍କୁ **ଅସ୍ ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାହି ଓ ବରକାତୁହୁର** ଉପହାର ଉପସ୍ଥାପିତ କଲେ । ସମ୍ମାନନୀୟ ଅବ୍ଦୁଲ୍ ମୁମିନ୍ ସାହେବ ତାହିର ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କଲେ । ଆପଣ ସୁରାଃ ଆଲେ ଇମ୍ରାନର 191-196ତମ ଆୟତ୍‌ର ତିଲାୱତ୍ କଲେ ଓ ତଫସିର୍ ସଗିରରୁ ଉକ୍ତ ଆୟାତ୍‌ର ଅନୁବାଦ ଉପସ୍ଥାପିତ କଲେ । ଏତଦ୍‌ପରେ ସମ୍ମାନନୀୟ ମୁର୍ତଜା ମନ୍ନାନ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ କବିତାବଳୀ **"ମୁହାସିନେ କୁରଆନ୍ କରୀମ୍"** ବିଷୟରୁ ମନୋନୀତ କବିତାବଳୀ ଉପସ୍ଥାପିତ କଲେ ।

ଠିକ୍ 4.00 ଟା ବାଜି 8 ମିନିଟ୍‌ରେ ହୁଜୁର ଅନ୍‌ୱର ଅ.ବ ମଞ୍ଚ ଉପରେ ଆସି ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କୁ **ଅସ୍ ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାଃହି ଓ ବରକାତୁହୁ**ର ଉପହାର ଉପସ୍ଥାପିତ କଲାପରେ ଉଦ୍‌ଯାପନୀ ଉଦ୍‌ବୋଧନ ଦେଲେ ।

### ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ଯାପନୀ ଅଭିଭାଷଣ

ତଶହୁଦ୍, ତାଆୱୁଜ୍, ସୁରାଃ ଫାତିହା ଏବଂ ସୁରତୁଲ୍ ମୁଜମ୍ମିଲର ଆୟତ୍ ନଂ 16ରେ ତିଲାୱତ୍ ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ: ଉକ୍ତ ଆୟତ୍‌ର ଅନୁବାଦ ଏହିପରି ଯେ, ହେ ଲୋକମାନେ ! ଆମ୍ଭେ ତୁମମାନଙ୍କ ନିକଟକୁ ଏପରି ଜଣେ ରସୁଲ୍‌ଙ୍କୁ ପ୍ରେରଣ କରିଅଛୁ ଯେ, କି ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି, ଯେପରିକି ଆମେ ଫିରଔନ୍ ନିକଟକୁ ରସୁଲ୍ ପ୍ରେରଣ କରିଥିଲୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି କାଦିଆନ୍‌ରେ ଜମାଅତ୍ ଅହେମଦିୟା ଭାରତର ଜଲସା ସାଲାନା ନିଜର ଶେଷାର୍ଦ୍ଧ ଆଡ଼କୁ ଅଗ୍ରସର ହେଉଛି । ଆଜି ମଧ୍ୟ ଅନେକ ଦେଶମାନଙ୍କରେ ଉକ୍ତ ଉଦ୍‌ଯାପନୀ ସତ୍ର ରହିଛି । ଉଦାହରଣ ସ୍ୱରୂପ ସିନିଗାଲ୍, ଟୋଗୋ, ଗିନି କନାକେରୀ, ଗିନି ବସାଓ ଇତ୍ୟାଦି ଦେଶମାନଙ୍କରେ ଦ୍ୱିପାକ୍ଷିକ ସିଧା ପ୍ରସାରଣ କରାଯାଉଅଛି ।

ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଅଲ୍ଲାଃତାଲା ଯେଉଁ ପ୍ରତିଶ୍ରୁତି କରିଥିଲେ ଯେ, **"ମୁଁ ତୁମ୍ଭର ସନ୍ଦେଶକୁ ସସମ୍ମାନେ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇ ଦେବି ତୁମ୍ଭର ପ୍ରେମକୁ ଲୋକମାନଙ୍କ ହୃଦୟରେ ସୃଷ୍ଟି କରିବି ।"** ତୁମ୍ଭେ ସେମାନଙ୍କୁ କିହିଦିଅ ! କି ମୁଁ ହ.ଇସା ଅ.ସଙ୍କ ପଦାଙ୍କ ଅନୁସରଣରେ ଆସିଅଛି। ଅତଏବ୍ ବର୍ତ୍ତମାନ ସମଗ୍ର ଦେଶମାନଙ୍କରେ ଜଲସା ସାଲାନାର ଆୟୋଜନ, ଆପଣଙ୍କର ନାମ ବା ଖ୍ୟାତି ସସମ୍ମାନେ ନିଆଯିବ, ଆପଣଙ୍କ ନାମର ସ୍ଲୋଗାନ୍ ଦିଆଯିବା ଇତ୍ୟାଦି ସମସ୍ତ ପ୍ରସଙ୍ଗ ଐଶୀ ପ୍ରତିଶ୍ରୁତି ଅନୁଯାୟୀ ଚରିତାର୍ଥ ଅଟନ୍ତି । କାରଣ ଆପଣ ଅ.ସ ହିଁ ସେହି ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏବଂ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆସିଛନ୍ତି । କାଦିଆନ୍‌ର ଉକ୍ତ ଛୋଟିଆ ବସ୍ତି ଯାହାକି ଶହେ ବର୍ଷ ପୂର୍ବେ ଏକ ସାଧାରଣ ଗ୍ରାମ କିମ୍ବା ବସ୍ତି ଥିଲା ତାହା ଆଜି ସୁନ୍ଦର ସହରରେ ପରିଣତ ହୋଇଯାଇଛି । ସଂସାରର କୋଣ ଅନୁକୋଣରେ ଏହାର ଯଥେଷ୍ଟ ଖ୍ୟାତି ରହିଛି । ଏହି ଖ୍ୟାତି ହ. ମସିହ୍ ମଉଦ୍ ଅ.ସଙ୍କ ନାମାନୁଯାୟୀ ହୋଇଛି । ଆଜି ଏହି ବସ୍ତିରେ ସଂସାରର ଅନେକ ଦେଶର ନାଗରିକମାନେ ଜଲସାରେ ଅଂଶ ଗ୍ରହଣ କରିବା ନିମନ୍ତେ ଏକତ୍ରିତ ହୋଇଛନ୍ତି । ବର୍ତ୍ତମାନ ପ୍ରାୟ 42ଟି ଦେଶର ପ୍ରତିନିଧିମାନେ ଉକ୍ତ ଜଲସାରେ ଉପସ୍ଥିତ ଅଛନ୍ତି ।

ଏପରି ଏକ ବସ୍ତି ଯେଉଁଠି ପହଞ୍ଚିବାର ମାର୍ଗ ଅତ୍ୟନ୍ତ ଦୁର୍ଗମ ଓ କଷ୍ଟକର ଅଟେ। ସେଠାରେ ଜଣେ ବ୍ୟକ୍ତି ଏହି ଦାବି କଲେ ଯେ, ଅଲ୍ଲାଃତାଲା ମୋତେ କହିଛନ୍ତି ଯେ, ମୁଁ ତୁମ୍ଭର ଖ୍ୟାତିକୁ ଭୂପୃଷ୍ଠର କୋଣ ଅନୁକୋଣ ପର୍ଯ୍ୟନ୍ତ ସସମ୍ମାନେ ପହଞ୍ଚାଇବି। ପୁନଶ୍ଚ ଉକ୍ତ ପ୍ରତିଶ୍ରୁତି କିଭଳି ଭବ୍ୟ ଢଙ୍ଗରେ ପୂର୍ଣ୍ଣ ହେଉଅଛି ଓ ହୋଇଥାଏ। ସୁତରାଂ ମୁସଲମାନମାନଙ୍କୁ ଉକ୍ତ କଥା ଉପରେ ପ୍ରସନ୍ନ ହେବା ଉଚିତ୍ ଯେ, ଆପଣ ଅ.ସ ହିଁ ସେହି ଅଙ୍ଗୀକୃତ ମେହ୍‌ଦୀ ଓ ପ୍ରତିଶ୍ରୁତ ମସିହ୍ ଅଟନ୍ତି ଯାହାଙ୍କର ଆଗମନ ସହିତ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ଯୁଗ ଆରମ୍ଭ ହୋଇଅଛି । ଦୋଷ ଦୁର୍ବଳତା ଦୂର କରିବାର ସମୟ ଆସିଯାଇଛି, ପ୍ରକାଶନ ଓ ଇସ୍‌ଲାମ୍ ଧର୍ମର ପ୍ରଚାରର ଯୁଗ ଆସିଯାଇଛି । କିନ୍ତୁ ନାମକ ମାତ୍ର ବିଦ୍ୱାନ୍‌ମାନଙ୍କର ସ୍ୱାର୍ଥପଣ, ସାଧାରଣ ମୁସଲମାନମାନଙ୍କୁ ସତ୍‌ମାର୍ଗରୁ ବିଚ୍ୟୁତ କରାଇବା ନିମନ୍ତେ ଆପ୍ରାଣ ଉଦ୍ୟମ କରୁଛନ୍ତି । କିନ୍ତୁ ପ୍ରଭୁ ଆପଣ ଅ.ସଙ୍କୁ ଏହି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ଯେ, ଦିନ ଆସିବ ଯେ, ଏହି ଅଣଅହେମଦି ମସ୍‌ଲମାନମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଏବଂ ପରିଶେଷରେ ଏମାନେ ଆପଣ ଅ.ସଙ୍କୁ ସ୍ୱୀକାର କରିନେବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ସଂକ୍ରାନ୍ତରେ କେତେକ ପ୍ରସଙ୍ଗ ଆଲୋଚନା କରିବି । ଉପରୋକ୍ତରେ ମୁଁ ଯେଉଁ ସୁରାଃ ମୁଜମ୍ମିଲର ତିଲାୱତ୍ କଲି । ଏହାର ସୁନ୍ଦର ତଥା ବ୍ରହ୍ମଜ୍ଞାନ ସମ୍ବଳିତ ବ୍ୟାଖ୍ୟା କରି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ସ୍ୱାଭାବିକ ରୂପେ ମନରେ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ମସିହ୍ ମଉଦ୍ ଅ.ସଙ୍କୁ ଉକ୍ତ ଧର୍ମରେ ଜନ୍ମ ଦେବାର କାହିଁକି ଆବଶ୍ୟକତା ଥିଲା ? ଏହାର ଉତ୍ତର ଏହିକି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହି ପ୍ରତିଶ୍ରୁତି କରିଥିଲେ ଯେ, ଆଁହଜରତ ସ.ଅ ନିଜ ଆବିର୍ଭାବର ପ୍ରଥମ ଓ ଶେଷ ଦୃଷ୍ଟିରୁ ହ. ମୁସା ଅ.ସଙ୍କ ସହିତ ସମାନ ହେବେ । ସୁତରାଂ ସେହି ସାମଞ୍ଜସ୍ୟତା ଏବଂ ସମାନତା ପ୍ରଥମତଃ ପ୍ରାରମ୍ଭିକ ଯୁଗରେ ଥିଲା ଯାହାକି ଆଁହଜରତ ସ.ଅଙ୍କର ଯୁଗ ଥିଲା ଏବଂ ଶେଷ **(ଅବଶିଷ୍ଟାଂଶ....ପୃ-11ରେ)**

# (ଖୁତ୍‌ବା ଜୁମା)

(ଆଁହଜରତ ସ.ଅଙ୍କ ଅସ୍ତିତ୍ୱ) ଆମ ଜୀବନ ଅକ୍ଷ ଅଟେ ।
ଏହାକୁ ବାଦ୍‌ଦେଲେ ଆମମାନଙ୍କର ଧର୍ମ ଓ ବିଶ୍ୱାସ କଦାପି ସଂପୂର୍ଣ୍ଣ ହୋଇପାରିବ ନାହିଁ କି ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଧର୍ମବିଧାନ ଉପରେ ମଧ୍ୟ କାର୍ଯ୍ୟାନୁସରଣ କରାଯାଇପାରିବ ନାହିଁ ।

ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ପ୍ରକାଶରେ ବଦର୍ ଯୁଦ୍ଧର ପୃଷ୍ଠଭୂମିର ବର୍ଣ୍ଣନା ।

ୟୁ.କେ.ର ସମ୍ମାନନୀୟ ଖ୍ୱାଜା ମୁନୀରୁଦ୍ଦୀନ୍ କମର୍ ସାହେବଙ୍କର ଯନାଜାଃ ହାଜିର୍ (ଉପସ୍ଥିତ ଯନାଜାଃ), ରବ୍‌ୱା ସ୍ଥିତ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ର ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଏବଂ ସମ୍ମାନନୀୟ ଡଃ. ମିର୍ଜା ମୁବଶ୍ଶିର୍ ଅହେମଦ୍ ସାହେବଙ୍କ ଯନାଜାଃ, ଇସ୍‌ଲାମାବାଦ ପାକିସ୍ତାନ୍‌ର ସମ୍ମାନନୀୟା ସ୍ୱର୍ଗତା ସୟେଦାହ୍ ଅମତୁଲ୍ ବାସିତ୍ ସାହେବାଙ୍କର ନମାଜ ଯନାଜାଃ ଓ ଫୈସ୍‌ଲାବାଦ୍‌ର ଚକ୍ ନଂ-261 ର-ବ ଅଧୁୱାଲୀର ସଦର ଜମାଅତ୍ (ସଭାପତି) ସମ୍ମାନନୀୟ ଶରୀଫ୍ ଅହେମଦ୍ ବନ୍ଦେଶୀଙ୍କ ବିୟୋଗ । ହୁଜୁର ଅନ୍‌ୱର୍ ଅ.ବ ସମସ୍ତ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରି ସେମାନଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରାଇଲେ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 2 June 2023 ମସିହା ଅନୁଯାୟୀ ୨ଇହସାନ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବଦ୍ରି ସାହାବାମାନଙ୍କ ଜୀବନର କେତେକ ପକ୍ଷ ଓ ସେମାନଙ୍କର ପରିଚୟ ତଥା ସେମାନଙ୍କ ଅପୂର୍ବ ବଳିଦାନ ସଂପର୍କରେ ଖୁତ୍‌ବାତର ଏକ ଦୀର୍ଘ ପରମ୍ପରା ବର୍ଣ୍ଣନା କରି ଆସିଛି । ଅନେକ ଲୋକମାନେ ଏହି ଇଚ୍ଛା ବ୍ୟକ୍ତ କଲେ ଓ ମୋତେ ପତ୍ର ଲେଖିଲେ ଯେ, ଆଁହଜରତ ସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ଯଦି ବର୍ଣ୍ଣନା କରା ନଯାଏ ତାହାହେଲେ ତୃଷ୍ଣା ଅବଶେଷ ରହିଯିବ । କାରଣ ପ୍ରକୃତ ଅକ୍ଷ ଆଁହଜରତଙ୍କ ଅସ୍ତିତ୍ୱ ଥିଲା ଯାହାଙ୍କ ଚତୁର୍ପାର୍ଶ୍ୱରେ ସାହାବାମାନେ ପରିକ୍ରମା କରୁଥିଲେ । ଆଁହଜରତ ସ.ଅଙ୍କ ସହିତ ସାହାବାମାନେ ସଂଶ୍ଳୀଷ୍ଟ ହୋଇ ବଳିଦାନର ଅଦୃଷ୍ଟାନ୍ତନୀୟ ସ୍ତର ପ୍ରାପ୍ତ କରିଥିଲେ ଓ ନବ ନବ କୌଶଳ ଶିଖିଲେ ଏବଂ ଏକେଶ୍ୱରବାଦକୁ ପ୍ରସାରିତ କରିବା, ସ୍ୱୟଂ ଏହାର ବ୍ୟବହାରିକ ଉଦାହରଣ ତଥା ଆଦର୍ଶ ପାଲଟିବାର ସେହି ସ୍ତର ସ୍ଥାପନ କଲେ ଯାହା ଆପଣ ସ.ଅଙ୍କ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରାପ୍ତ ଅପୂର୍ବ ଐଶୀ ଶକ୍ତି ଏବଂ ଅଲ୍ଲାଃତାଲାଙ୍କର ବିଶେଷ ପ୍ରିୟତମ ହେବାର ଜ୍ୱଳନ୍ତ ପ୍ରମାଣ ଅଟେ । ସୁତରାଂ ଆପଣ ସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ବର୍ଣ୍ଣନା କରିବା ମଧ୍ୟ ଏକାନ୍ତ ବାଞ୍ଛନୀୟ ଅଟେ ।

ଆଁହଜରତ ସ.ଅଙ୍କ ଜୀବନୀର ବିଭିନ୍ନ ଦିଗ ତଥା ବିଭିନ୍ନ ପାର୍ଶ୍ୱ ଉପରେ ବିଭିନ୍ନ ସମୟରେ ବିଗତ ବର୍ଷରେ ଖୁତ୍‌ବା ପ୍ରଦାନ କରାଯାଇଛି । କିନ୍ତୁ ସେ ଯାହାହେଉ ଆପଣ ସ.ଅଙ୍କ ଜୀବନୀ ଏପରି ଏକ ଜୀବନୀ ଅଟେ ଯେ, ଏହାର ବର୍ଣ୍ଣନାକୁ ସଂକ୍ଷିପ୍ତ ଓ ଆବେଷ୍ଟିତ କରାଯାଇ ପାରିବ ନାହିଁ । ଆଁହଜରତ ସ.ଅଙ୍କର ଗୋଟିଏ ଗୋଟିଏ ଗୁଣାବଳୀ ଏପରି ଅଟେ ଯାହାକୁ ଅନେକ ଖୁତ୍‌ବାତ୍ ମଧ୍ୟରେ ଆବଦ୍ଧିତ କରାଯାଇ ପାରିବ ନାହିଁ । ଆଁହଜରତ ସ.ଅଙ୍କ ଜୀବନୀ ତ' ସମୟ ସମୟରେ କେବଳ ବର୍ଣ୍ଣନା ହେଉଥିବ ତାହା ନୁହେଁ ବରଂ ପ୍ରତ୍ୟେକ ଖୁତ୍‌ବା ଓ ଖିତାବାତ୍‌ରେ କୌଣସି ନା କୌଣସି ପକ୍ଷ କୌଣସି ନା କୌଣସି ଆକାରରେ ବର୍ଣ୍ଣନା ମଧ୍ୟ ହୋଇଥାଏ । କାରଣ ଏହା (ଆପଣ ସ.ଅଙ୍କ ଜୀବନ ଓ ଆଦର୍ଶ) ହିଁ ଆମ ଜୀବନର ଅକ୍ଷ ଅଟେ ଓ ଏହା ବ୍ୟତୀତ ଆମର ଧର୍ମ, ଆମ ବିଶ୍ୱାସ ସଂପୂର୍ଣ୍ଣ ହୋଇପାରିବ ନାହିଁ ଓ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଧର୍ମବିଧାନ ଉପରେ କାର୍ଯ୍ୟାନୁସରଣ ମଧ୍ୟ ହୋଇପାରିବା ନାହିଁ । ସେ ଯାହା ହେଉ ବର୍ତ୍ତମାନ ମୁଁ ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆପଣ ସ.ଅଙ୍କର ଜୀବନୀର କେତେକ ପକ୍ଷ ବା ଦିଗ ଓ ଇତିହାସ ସମ୍ବଳିତ ଘଟଣାବଳୀ ବର୍ଣ୍ଣନା କରିବି ଓ ଏହି ପରମ୍ପରା ଆଗାମୀ କେତେକ ଖୁତ୍‌ବାତରେ ମଧ୍ୟ ଅବ୍ୟାହତ ରହିବ ।

ଆପଣ ସ.ଅଙ୍କ ଆଦର୍ଶ ହିଁ ସାହାବାମାନଙ୍କୁ ନିଃସ୍ୱାର୍ଥ ବଳିଦାନର ଉତ୍ସାହ ପ୍ରଦାନ କଲେ ଓ ଏହି ଉତ୍ସାହ ପ୍ରଦାନ କରି ଯୋଦ୍ଧାମାନଙ୍କର, ଶହୀଦ୍‌ମାନେ, ଅଲ୍ଲାଃତାଲାଙ୍କର ପ୍ରିୟ ଓ ଅଲ୍ଲାଃତାଲା ସେମାନଙ୍କ ଉପରେ ପ୍ରସନ୍ନ ହେବା ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦେଲେ ଯାହାର ଉଦାରଣ ଆମେମାନେ ନିଜ ଜୀବନରେ ଅବଲୋକନ କଲୁ । ସୁତରାଂ ଉକ୍ତ ଯୁଦ୍ଧ ସଂକ୍ରାନ୍ତରେ ମଧ୍ୟ ଆପଣ ସ.ଅଙ୍କ ଆଦର୍ଶ ସଂପର୍କରେ ମଧ୍ୟ ବର୍ଣ୍ଣନା କରିବି । ଯୁଦ୍ଧ ଘଟଣା ପୂର୍ବରୁ ସେହି କାରଣଗୁଡ଼ିକ ସଂପର୍କରେ ମଧ୍ୟ ଆଲୋଚନା କରିବା ଅନିର୍ବାର୍ଯ୍ୟ ଅଟେ । କେଉଁଥି ପାଇଁ ଯୁଦ୍ଧ ହୋଇଥିଲା ? ଅତଃ ମୁଁ ତତ୍‌ସଂକ୍ରାନ୍ତୀୟ ପୃଷ୍ଠଭୂମିର ବର୍ଣ୍ଣନା ମଧ୍ୟ କରିବି । ଅତଏବ୍ ଉକ୍ତ ପୃଷ୍ଠଭୂମିରେ ମଧ୍ୟ ଆପଣ ସ.ଅଙ୍କ ଜୀବନୀ ଓ ଆପଣ ସ.ଅଙ୍କ ଦ୍ୱାରା ଆନୀତ ସୁନ୍ଦର ଶିକ୍ଷାର ବିଭିନ୍ନ ଦିଗ ଏବଂ ବିଭିନ୍ନ ପକ୍ଷ ଉଦ୍‌ଘାଟିତ ହୋଇଥାଏ ।

ବଦର୍ ଯୁଦ୍ଧର କାରଣ ସଂପର୍କରେ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, "ଆଁହଜରତ ସ.ଅଙ୍କ ମକ୍କି ଜୀବନରେ ମକ୍କାର କୁରୈଶ୍‌ମାନେ ଯେଉଁ ଅକଥନୀୟ ଅତ୍ୟାଚାର ମୁସଲମାନମାନଙ୍କ ଉପରେ କଲେ ଏବଂ ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିବା ନିମନ୍ତେ ଯେଉଁ ଯେଉଁ ପନ୍ଥା ଅବଲମ୍ବନ କଲେ ତାହା ପ୍ରତ୍ୟେକ ଯୁଗର ଅବସ୍ଥାନୁଯାୟୀ କୌଣସି ଦୁଇ ଜାତିଙ୍କ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହେବା ପ୍ରମୁଖ କାରଣ ଅଟେ। ଇତିହାସରୁ ପ୍ରମାଣିତ ଯେ, ଅତ୍ୟନ୍ତ ତିରସ୍କାରପୂର୍ଣ୍ଣ ଉପହାସ ଓ ଅତ୍ୟନ୍ତ ହୃଦୟବିଦାରକ କଟାକ୍ଷ ଏବଂ ବ୍ୟଙ୍ଗ ବିଦ୍ରୂପ ବ୍ୟତୀତ ମକ୍କାର ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କୁ ଏକେଶ୍ୱରଙ୍କ ଉପାସନା ଏହଂ ଏକେଶ୍ୱରବାଦର ଘୋଷଣା କରିବାରୁ ବଳପୂର୍ବକ ଅଟକାଇଲେ। ସେମାନଙ୍କୁ ଅତ୍ୟନ୍ତ ନିର୍ଦ୍ଦୟତାର ସହିତ ମାଡ଼ପିଟ୍ କଲେ, ସେମାନଙ୍କର ଧନସମ୍ପତ୍ତିକୁ ଅନ୍ୟାୟ ଓ ଅନୀତି ଉପାୟରେ ଲୁଣ୍ଠନ କଲେ, ସେମାନଙ୍କୁ ବାସନ୍ଦ କଲେ, ବିତାଡ଼ିତ କଲେ ସେମାନଙ୍କର ବିନାଶ ଘଟାଇ ସେମାନଙ୍କୁ ବର୍ବାଦ କରିଦେବା ପାଇଁ ଦୁର୍ବାର ଉଦ୍ୟମ କଲେ । ସେମାନଙ୍କ ମଧ୍ୟରୁ କେତେକ ମୁସଲମାନମାନଙ୍କୁ ଅତ୍ୟାଚାର ଭାବରେ ଓ ଅତ୍ୟନ୍ତ ବୀଭତ୍ସ ଭାବରେ ହତ୍ୟ କଲେ । ସେମାନଙ୍କର ପତ୍ନୀଙ୍କ ସହିତ ଦୁର୍ବ୍ୟବହାର କଲେ । ଏପର୍ଯ୍ୟନ୍ତକି ସେମାନଙ୍କର ଅତ୍ୟାଚାରରୁ ଅତିଷ୍ଠ ହୋଇ ଅନେକ ମସୁଲମାନମାନେ ମକ୍କା ଛାଡ଼ି ହବ୍‌ଶା (ଇଥିଓପିୟା) ପ୍ରବାସ କରି ଚାଲିଗଲେ । କିନ୍ତୁ କୁରୈଶ୍‌ମାନେ ଏତେକିରେ ଅଟକିଗଲେ ନାହିଁ । ସେମାନେ ନଜ୍ଜାଶୀ (ଇଥିଓପିୟାର ସମ୍ରାଟ୍) ଦରବାରରେ ନିଜର ଏକ ପ୍ରତିନିଧିଦଳ ପ୍ରେରଣ କରି ଏହି ଉଦ୍ୟମ କଲେ ଯେ, କୌଣସି ମତେ ସେହି ପ୍ରବାସକାରୀରଙ୍କୁ ପୁନଃ ମକ୍କାକୁ ଫେରାଇ ଅଣାଯାଉ ଓ କୁରୈଶ୍‌ମାନେ ସେମାନଙ୍କୁ ଇସ୍‌ଲାମ୍ ଧର୍ମରୁ ଓହରିବା ବା ଧର୍ମପରିବର୍ତ୍ତନ କରିବାରେ ସଫଳ ହୋଇଯାଆନ୍ତୁ କିମ୍ବା ସେମାନଙ୍କର ଅନ୍ତ ଘଟାଇ ଦିଆଯାଉ। ପୁନଶ୍ଚ ମୁସଲମାନମାନଙ୍କର ଅଧିପତିଙ୍କୁ ଯାହାକୁ ମୁସଲମାନମାନେ ନିଜ ପ୍ରାଣ ଠାରୁ ଅଧିକ ଭଲ ପାଉଥିଲେ ଅତ୍ୟନ୍ତ ପୀଡ଼ା ପହଞ୍ଚାଇଲେ ଏବଂ ନାନା ପ୍ରକାରର ଦୁଃଖରେ ପ୍ରପୀଡ଼ିତ କରାଗଲା ଏବଂ ନିର୍ଯାତନା ଦିଆଗଲା । କୁରୈଶ୍‌ମାନଙ୍କର ଭାଇ ବନ୍ଧୁମାନେ ତାଏଫ୍‌ରେ ଈଶ୍ୱଙ୍କ ନାମ ନେବା ଯୋଗୁଁ ଆପଣ ସ.ଅଙ୍କ ଉପରେ ପଥର ବର୍ଷଣ କରାଗଲା । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଶରୀର ରକ୍ତ ଦ୍ୱାରା ଭିଜିଗଲା । ପରିଶେଷରେ ମକ୍କାର ଜାତୀୟ ସଂସଦରେ କୁରୈଶ୍‌ର ସମସ୍ତ ସଂପ୍ରଦାୟର ପ୍ରତିନିଧିମାନଙ୍କର ସହମତି କ୍ରମେ ଏହି ନିଷ୍ପତ୍ତି ନିଆଗଲା ଯେ, ହ. ମୁହମ୍ମଦ ସ.ଅଙ୍କୁ **ନାଉଜୁ ବିଲ୍ଲାଃ** ହତ୍ୟା କରିଦିଆଯାଉ । କାରଣ ଇସ୍‌ଲାମ୍ ଧର୍ମର ନାମକୁ ନିଶ୍ଚିହ୍ନ କରିଦିଆଯାଉ ଓ ଏକେଶ୍ୱରବାଦକୁ ଚିରକାଳ ପାଇଁ ସମାପ୍ତ ହୋଇଯାଉ । ପୁନଶ୍ଚ ଉକ୍ତ ରକ୍ତାକ୍ତ ଚୁକ୍ତିନାମାକୁ ବ୍ୟବହାରିକ ରୂପାନ୍ତର କରିବା ନିମନ୍ତେ ମକ୍କାର ଯୁବକମାନଙ୍କୁ ଯେଁଉମାନେ କୁରୈଶ୍‌ର ବିଭିନ୍ନ ସଂପ୍ରଦାୟର ଥିଲେ ସେମାନେ ରାତ୍ର ସମୟରେ ଦଳବଦ୍ଧ ହୋଇ ଆପଣ ସ.ଅଙ୍କ ବାସ ଭବନ ଉପରେ

ସହସା ଆକ୍ରମଣ କଲେ । କିନ୍ତୁ ଅଲ୍ଲାଃତାଲା ଆପଣ ସ.ଅଙ୍କର ସ୍ୱୟଂ ସୁରକ୍ଷା ପ୍ରଦାନ କଲେ ଓ ଆପଣ ସ.ଅ ସେମାନଙ୍କର ଚକ୍ଷୁରେ ଧୂଳି ପକାଇ ନିଜ ବାସ ଭବନରୁ ବାହାରି ଆସିଲେ ଏବଂ ଗାରେ ସୋର୍ (ସୋର ଗୁମ୍ଫା) ଠାରେ ଆଶ୍ରୟ ନେଇଥିଲେ । କ'ଣ ଉକ୍ତ ଅତ୍ୟାଚାର ଓ ରକ୍ତାକ୍ତ ଚୁକ୍ତି କୁରୈଶ୍‌ମାନଙ୍କ ପକ୍ଷରୁ ଯୁଦ୍ଧ ଘୋଷଣାର ଆଦେଶ ନଥିଲା ? ଏହିସବୁ ଦୃଶ୍ୟ ହେବା ସତ୍ତ୍ୱେ ଯଦି କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା ବିଚାର କରେ ଯେ, ମକ୍କାର କୁରୈଶ୍‌ମାନେ ଇସ୍‌ଲାମ୍ ଧର୍ମ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ନଥିଲେ? ପୁନଶ୍ଚ କ'ଣ କୁରୈଶ୍‌ମାନଙ୍କର ଉକ୍ତ ଅତ୍ୟାଚାର ମୁସଲମାନମାନଙ୍କ ପକ୍ଷରୁ ଆତ୍ମରକ୍ଷା ଯୁଦ୍ଧ କରିବା ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ହୋଇପାରି ନଥିଲା ? କ'ଣ ସଂସାରରେ କୌଣସି ସ୍ୱାଭିମାନୀ ଜାତି ଯେକି ଆତ୍ମହତ୍ୟା କରିବାର ମନସ୍ଥ କରି ନନେଇଛି ଏହିପରି ପରିସ୍ଥିତି ହେବା ସତ୍ତ୍ୱେ କୁରୈଶ୍‌ମାନେ ମୁସଲମାନମାନଙ୍କୁ ଯେଉଁ ଅଲଟିମେଟମ୍ (ଚରମପତ୍ର) ଦେଇଥିଲେ ତାହାକୁ ସ୍ୱୀକାର କରିବାରୁ ପଶ୍ଚାତପଦ ରହିପାରିବ କି ? ନିଃସନ୍ଦେହ ରୂପେ ଯଦି ମୁସଲମାନମାନଙ୍କର ସ୍ଥାନରେ ଅନ୍ୟ କୌଣସି ଜାତି ଥାଆନ୍ତା ତାହାହେଲେ ସେ ମୁସଲମାନମାନଙ୍କ ପୂର୍ବରୁ କୁରୈଶ୍‌ମାନଙ୍କ ବିପକ୍ଷରେ ରଣାଙ୍ଗନରେ ଓହ୍ଲାଇ ଆସିଥଆନ୍ତା । କିନ୍ତୁ ମୁସଲମାନମାନଙ୍କୁ ସେମାନଙ୍କର ମୁନିବଙ୍କ ପକ୍ଷରୁ ଧୈର୍ଯ୍ୟ ଓ କ୍ଷମାଦାନ କରିବା ଆଦେଶ ରହିଥିଲା । ସୁତରାଂ ଉଲ୍ଲେଖ ରହିଛି ଯେ, ମକ୍କାରେ ଯେତେବେଳେ କୁରୈଶ୍‌ମାନଙ୍କର ଅତ୍ୟାଚାର ବୃଦ୍ଧି ପାଇଲା ସେତେବେଳେ ଅବ୍‌ଦୁର୍ ରହେମାନ୍ ବିନ୍ ଔଫ୍ ଓ ଅନ୍ୟ ସାହାବାଗଣ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କୁରୈଶ୍‌ମାନଙ୍କ ବିରୁଦ୍ଧରେ ଅନୁମତି ଲୋଡ଼ିଲେ । କିନ୍ତୁ ଆପଣ ସ.ଅ କହିଲେ إِنِّي أُمِرْتُ بِالْعَفْوِ فَلَا تُقَاتِلُوا ଅର୍ଥାତ୍ ମୋତେ ଏଯାବତ୍ କ୍ଷମା ପ୍ରଦାନ କରିବା ନିମନ୍ତେ ଆଦେଶ ଦିଆଯାଇଛି । ଅତଃ ମୁଁ ତୁମମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଅନୁମତି ଦେଇ ପାରିବ ନାହିଁ । ସୁତରାଂ ସାହାବାମାନେ ଧର୍ମ ମାର୍ଗରେ ପ୍ରତ୍ୟେକ ପ୍ରକାରର ଦୁଃଖ, କଷ୍ଟ ଏବଂ ତିରସ୍କାର ସହ୍ୟ କଲେ । କିନ୍ତୁ ଧୈର୍ଯ୍ୟକୁ ହାତଛଡ଼ା କଲେ ନାହିଁ। ଏପର୍ଯ୍ୟନ୍ତକି କୁରୈଶ୍‌ର ଅତ୍ୟାଚାରର ପିଆଲା ପୂର୍ଣ୍ଣ ହୋଇ ତଳେ ପଡ଼ିବାକୁ ଲାଗିଲା ଓ ବିଶ୍ୱ ନିୟନ୍ତାଙ୍କ ଦୃଷ୍ଟିରେ ପ୍ରମାଣ ସିଦ୍ଧ ହେବାର ସ୍ତର ପୂର୍ଣ୍ଣ ହୋଇଗଲା । ସେତେବେଳେ ଈଶ୍ୱର ନିଜ ଭକ୍ତଙ୍କୁ ଆଦେଶ ଦେଲେ ଯେ, ହେ **ମୁହମ୍ମଦ୍** ! ତୁମ୍ଭେ ଏହି ବସ୍ତିରୁ ବାରାରିଯାଅ । କାରଣ ବର୍ତ୍ତମାନ ମାମଲାଟି କ୍ଷମା ପ୍ରଦାନର ସୀମା ଅତିକ୍ରମ କରିସାରିଛି ଏବଂ ସେହି ସମୟଟି ଆସିଯାଇଛି । କାରଣ ଅତ୍ୟାଚାରୀ ନିଜର କୁକୃତ୍ୟର ଫଳ ପର୍ଯ୍ୟନ୍ତ ପହଞ୍ଚିଗଲେ । ସୁତରାଂ ଆଁହଜରତ ସ.ଅଙ୍କ ଏହି ପ୍ରବାସ କୁରୈଶ୍‌ମାନଙ୍କ ଠାରୁ ଚରମପତ୍ର ସ୍ୱୀକାର କରିବାର ପ୍ରତୀକ ଥିଲା ଏବଂ ତହିଁରେ ଅଲ୍ଲାଃତାଲାଙ୍କ ପକ୍ଷରୁ ଯୁଦ୍ଧ ଘୋଷଣାର ଏକ ଗୁପ୍ତ ଇଙ୍ଗିତ ନିହିତ ରହିଥିଲା । ଯାହାକି ମୁସଲମାନ ଓ ଅବିଶ୍ୱାସକାରୀମାନେ ଦୁହେଁ ମନେ କରୁଥିଲେ। ସୁତରାଂ ଦାରୁନ୍ ନଦ୍‌ୱା ଯାହାକି କୁରୈଶ୍‌ମାନଙ୍କ ନିକଟବର୍ତ୍ତୀ ପରମାର୍ଶ ସ୍ଥଳୀ ଥିଲା। ପରାମର୍ଶ ସମୟରେ ଯେତେବେଳେ କୌଣସି ବ୍ୟକ୍ତି ଏହି ପରାମର୍ଶ ଉପସ୍ଥାପିତ କଲା କି ଆଁହଜରତ ସ.ଅଙ୍କୁ ମକ୍କାରୁ ବିତାଡ଼ିତ କରି ଦିଆଯାଉ । ଅତଃ କୁରୈଶୀୟ ଅଧିପତିମାନେ ଉକ୍ତ ପରାମର୍ଶକୁ ତଦନୁଯାୟୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ । କାରଣ ଯଦି ମୁହମ୍ମଦ ସ.ଅ ମକ୍କାରୁ ବାହାରିଗଲେ ତେବେ ମୁସଲମାନମାନେ ଆମର (କୁରୈଶ୍‌ମାନଙ୍କର) ଅଲଟିମେଟମ୍ (ଚରମପତ୍ର)କୁ ସ୍ୱୀକାର କରି ଆମ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଯିବା ଉଚିତ୍। ଆଁହଜରତ ସ.ଅ ଯେତେବେଳେ ମକ୍କାରୁ ବାହାରିଲେ ଓ ଆପଣ ସ.ଅ ମକ୍କାର ଦ୍ୱାରା ଓ କାନ୍ଥ ଉପରେ ଅଭିଳଷିତ ଦୃଷ୍ଟି ପକାଇ କହିଲେ, "**ହେ ମକ୍କା ! ତୁ ମୋତେ ସମସ୍ତ ବସ୍ତିମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରିୟ ଥିଲୁ କିନ୍ତୁ ତୋର ବାସୀନ୍ଦାନାମେନ ମୋତେ ଏଠାରେ ରହିବାକୁ ଦେଉ ନାହାନ୍ତି ।**" ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ ମଧ୍ୟ ଏହା ହିଁ କହିଲେ ଯେ, ସେମାନେ ଈଶ୍ୱଙ୍କ ବାର୍ତ୍ତାବହଙ୍କୁ ଉକ୍ତ ମାତୃଭୂମିରୁ ବିତାଡ଼ିତ କରିଦେଇଛନ୍ତି । ବର୍ତ୍ତମାନ ଏହି ଲୋକମାନଙ୍କର ବିନାଶ ଅବଶ୍ୟାମ୍ଭୀ ଏବଂ ସୁନିଶ୍ଚିତ ।"

ସାରାଂଶ ଏହିକିଯେ, ଯେପର୍ଯ୍ୟନ୍ତ ଆଁହଜରତ ସ.ଅ ମକ୍କାର ଅବସ୍ଥାନ କରିଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ପ୍ରତ୍ୟେକ ପ୍ରକାରର ଅନ୍ୟାୟ, ଅତ୍ୟାଚାରକୁ ସହ୍ୟ କଲେ। କିନ୍ତୁ ଆପଣ ସ.ଅ କୁରୈଶ୍‌ମାନଙ୍କ ବିପକ୍ଷରେ ଖଡ଼୍‌ଗ ଉତ୍ତୋଳନ କଲେ ନାହିଁ । କାରଣ ପ୍ରଥମତଃ କୁରୈଶ୍‌ମାନଙ୍କ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା ଅଲ୍ଲାଃତାଲାଙ୍କର ପରମ୍ପରା ଅନୁଯାୟୀ ସେମାନଙ୍କ ନିକଟରେ ସିଦ୍ଧାନ୍ତ ସାବ୍ୟସ୍ତ କରିବା ଆବଶ୍ୟକ ଥିଲା । ଏଥିପାଇଁ ମହଲତ୍ ଦରକାର ଥିଲା। **ଦ୍ୱିତୀୟତଃ** ଅଲ୍ଲାଃତାଲାଙ୍କର ଏହି ଉଦ୍ଦେଶ୍ୟ ମଧ୍ୟ ଥିଲା ଯେ, ମୁସଲମାନମାନେ ସେହି ଚୂଡ଼ାନ୍ତ ଧୈର୍ଯ୍ୟ ଏବଂ କ୍ଷମା ପ୍ରଦର୍ଶ କରିବାର ଉଦାହରଣ ପ୍ରଦର୍ଶନ କରନ୍ତୁ। କାରଣ ଏହାପରେ ନୀରବ ରହିବା ଆତ୍ମହତ୍ୟା ସହିତ ତୁଲ୍ୟ ହୋଇଯିବ । ଏହା କୌଣସି ବୁଦ୍ଧିମାନ ବ୍ୟକ୍ତି ନିକଟରେ ପ୍ରଶଂସନୀୟ କୃତ୍ୟ ବୋଲି ମନେକରାଯାଇ ପାରିବ ନାହିଁ । **ତୃତୀୟତଃ** ମକ୍କାରେ କୁରୈଶ□ଙ୍କର ଏକ ପ୍ରକାରର ଗଣତାନ୍ତ୍ରିକ ସରକାର ବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଜାରିଥିଲା ଓ ଆଁହଜରତ ସ.ଅ ମକ୍କାର ନାଗରିକମାନଙ୍କ ମଧ୍ୟରୁ ଅନ୍ୟତମ ନାଗରିକ ଥିଲେ । ସୁତରାଂ ଉତ୍ତମ ରାଜନୈତିକ ଶାସନ ବ୍ୟବସ୍ଥା ଏହା ଆଶାକରେ କି ଯେପର୍ଯ୍ୟନ୍ତ ଆପଣ ସ.ଅ ମକ୍କାରରେ ରହିବେ ସେପର୍ଯ୍ୟନ୍ତ ଆପଣ ସ.ଅ ସରକାରଙ୍କୁ ସମ୍ମାନ ପ୍ରଦର୍ସନ କରୁନ୍ତୁ ଏବଂ ସ୍ୱୟଂ ଶାନ୍ତି ଭଙ୍ଗକାରୀ ଘଟଣା ଘଟିବାକୁ ନଦିଅନ୍ତୁ ଓ ଯେତେବେଳେ କ୍ଷମା ପ୍ରଦାନ କରିବାର ପ୍ରସଙ୍ଗ ସୀମାତିକ୍ରମ କରିଯାଏ ସେତେବେଳେ ଆପଣ ସ.ଅ ପ୍ରବାସ କରି ଯାଆନ୍ତୁ । **ଚତୁର୍ଥତଃ-** ଏହା ମଧ୍ୟ ଆବଶ୍ୟକତ ଥିଲା କି ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ଦୃଷ୍ଟିରେ ଆପଣ ସ.ଅଙ୍କ ଜାତି ନିଜର କୃତ୍ୟ ଯୋଗୁଁ ଶାସ୍ତିର ଅଧିକାରୀ ହୋଇଯାଇ ନାହିଁ, ଯେପର୍ଯ୍ୟନ୍ତ ସେମାନଙ୍କୁ ବିନାଶ କରିବାର ସମୟ ନ ଆସିଯାଇଛି ସେପର୍ଯ୍ୟନ୍ତ ଆପଣ ସ.ଅ ସେମାନଙ୍କ ମଧ୍ୟରେ ଅର୍ଥାତ୍ ମକ୍କା ବାସୀଙ୍କ ଗହଣରେ ଅବସ୍ଥାନ କରନ୍ତୁ । ପୁନଶ୍ଚ ସେହି ସମୟଟି ଯେତେବେଳେ ଆସିଯାଏ ସେତେବଳେ ଆପଣ ସ.ଅ ସେଠାରୁ ପ୍ରବାସ କରି ଯାଆନ୍ତୁ । କାରଣ ଅଲ୍ଲାଃତାଲାଙ୍କ ପରମ୍ପରା ଅନୁଯାୟୀ ନବୀ ଯେପର୍ଯ୍ୟନ୍ତ ନିଜ ସଂପ୍ରଦାୟରେ ବିଦ୍ୟମାନ ଥାଆନ୍ତି ସେପର୍ଯ୍ୟନ୍ତ ସେମାନଙ୍କ ଉପରେ ବିନାଶକାରୀ ଶାସ୍ତି ଅବତୀର୍ଣ୍ଣ ହୁଏ ନାହିଁ । ଯେତେବେଳେ ବିନାଶକାରୀ ଶାସ୍ତି ସେମାନଙ୍କ ଉପରେ ଅବତୀର୍ଣ୍ଣ ହେବାର ସମୟ ପାଖେଇ ଆସେ ସେତେବେଳେ ନବୀଙ୍କୁ ସେଠାରୁ (ସେହି ସ୍ଥାନରୁ) ପ୍ରସ୍ଥାନ କରିଯିବାର ନିମନ୍ତେ ଆଦେଶ ପ୍ରାପ୍ତ ହୋଇଥାଏ । ଉପରୋକ୍ତ କାରଣ ହେତୁ ଆପଣ ସ.ଅଙ୍କ ପ୍ରବାସ ନିଜ ମଧ୍ୟରେ ଏକ ବିଶେଷ ଇଙ୍ଗିତ ରଖୁଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକିଯେ, ଅତ୍ୟାଚାରୀ ଜାତି ଆପଣ ସ.ଅଙ୍କୁ ଚିହ୍ନିଲା ନାହିଁ ବରଂ ଅନ୍ୟାୟ ଓ ଅତ୍ୟାଚାରରେ ଅଭିବୃଦ୍ଧି କଲା । ଅନ୍ୟଥା ଯଦି ଏବେବି କୁରୈଶ୍ ତହିଁରୁ (ଅନ୍ୟାୟ ଓ ଅତ୍ୟାଚାର)ରୁ ନିବୃତ୍ତ ଏବଂ କ୍ଷାନ୍ତ ହୋଇଯାଆନ୍ତେ ଏବଂ ଧର୍ମ ପ୍ରସଙ୍ଗରେ ବାଧ ବାଧକତା ଅବଲମ୍ବନକୁ ପରିହାର କରି ଦିଅନ୍ତେ ଏବଂ ମୁସଲମାନମାନଙ୍କୁ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାକୁ ସୁଯୋଗ ଦିଅନ୍ତେ ତାହାହେଲେ ପ୍ରଭୁ ଯେକି ଦୟା ପ୍ରଦର୍ଶନକାରୀଙ୍କୁ ମଧ୍ୟରେ ସର୍ବାଧିକ ଦୟା ପ୍ରଦର୍ଶକାରୀ ଅଟନ୍ତି ତାହାଙ୍କର ବାର୍ତ୍ତାବହ ମଧ୍ୟ ସମଗ୍ର ବିଶ୍ୱ ନିମନ୍ତେ ଦୟା ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ ନିଃସନ୍ଦେହ ବର୍ତ୍ତମାନ ମଧ୍ୟ ସେମାନଙ୍କୁ କ୍ଷମା କରିଦିଆଯାଇ ଥାଆନ୍ତା ଏବଂ ଆରବକୁ ଯେଉଁ ସଂହାର, ରକ୍ତପାତ ଭଳି ବିଭୀଷିକାର ଦୃଶ୍ୟ ଅବଲୋକନ କରିବାକୁ ପଡ଼ିଥିଲା ତାହା ଅବଲୋକୋନ କରିବାକୁ ପଡ଼ନ୍ତା ନାହିଁ । କିନ୍ତୁ ଭାଗ୍ୟ ଲେଖନ କେ କରିବା ଆନ । ଆଁହଜରତ ସ.ଅଙ୍କ ପ୍ରବାସ କୁରୈଶ୍‌ମାନଙ୍କର ଶତ୍ରୁତାର ତୈଳ ପରି କାର୍ଯ୍ୟ କଲା । ସେମାନେ ପୂର୍ବାପେକ୍ଷା ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିବା ନିମନ୍ତେ ତତ୍ପର ହୋଇ ଉଠିଲେ ।

ସେହି ଅଭାବି ଓ ଦୁର୍ବଳ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିବା ବ୍ୟତୀତ ଯେଉଁ ଅଳ୍ପ କେତେକ ମୁସଲମାନମାନେ ମକ୍କାରେ ହିଁ ଅବସ୍ଥାନ କରିଥିଲେ ବା ରହିଯାଇଥିଲେ ସେହି କୁରୈଶ୍‌ମାନେ ମକ୍କାରେ ଅବସ୍ଥାନ କରି ଯେଉଁ ପ୍ରଥମ କାର୍ଯ୍ୟ କଲେ ତାହା ଏହା ଥିଲା କି ସେମାନେ ଯେମିତି ଜାଣିବାକୁ ପାଇଲେ ଯେ, ଆଁହଜରତ ସ.ଅ ସେମାନଙ୍କ ଠାରୁ ବର୍ତ୍ତି ଚାଲି ଯାଇଛନ୍ତି ସେତେବେଳେ ସେମାନେ ଆପଣ ସ.ଅଙ୍କର ପିଛା କରିବାକୁ ବାହରି ପଡ଼ିଲେ ଓ ବକା ଉପତ୍ୟକାର କୋଣ ଅନୁକୋଣ ଆପଣ ସ.ଅଙ୍କୁ ଖୋଜିଲେ ଏବଂ ବିଶେଷ କରି ଗାରେ ସୋର୍ (ସୋର୍ ଗୁମ୍ଫା) ପର୍ଯ୍ୟନ୍ତ ପହଞ୍ଚିଗଲେ । କିନ୍ତୁ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସାହାଯ୍ୟ କଲେ ଏବଂ କୁରୈଶ୍‌ମାନଙ୍କର ଚକ୍ଷୁ ଉପରେ ଏପରି ଆବରଣ ବା ପରଦା ପକାଇଦେଲେ ଯେ, ସେମାନେ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚି ମଧ୍ୟ ଅକୃତକାର୍ଯ୍ୟ ହୋଇ ଫେରିଗଲେ। ସେମାନେ ଯେତେବେଳେ ଏହି ସନ୍ଧାନ ପ୍ରୟାସରେ ନିରାଶ ହୋଇଗଲେ ସେତେବେଳେ ସେମାନେ ସର୍ବ ସାଧାରଣରେ ଏହି ଘୋଷଣା କଲେ ଯେ, ଯେଉଁ ବ୍ୟକ୍ତି ମୁହମ୍ମଦ ସ.ଅଙ୍କୁ ଜୀବିତ କିମ୍ବା ମୃତ ଧରି

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଆଣିବ ତାହାକୁ ଏକଶତ ଓଟ ଯାହାର ବର୍ତ୍ତମାନିକ ମୂଲ୍ୟ ପ୍ରାୟ 20,000 ଟଙ୍କା ହେବ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ । ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, 1931 ମସିହାର ଘଟଣା ହେବ । ଆଜିକାଲି ସେହି ଅର୍ଥର ପରିମାଣ ପ୍ରାୟ ଏକକୋଟି ହେବ । ବ୍ୟକ୍ତିକୁ ଏକଶତ ଓଟ ପ୍ରଦାନ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ । କୋଟି କୋଟି ଟଙ୍କା ପୁରସ୍କାର ରାଶିର ପ୍ରଲୋଭନ ଥିଲା ଓ ଉକ୍ତ ପୁରସ୍କାର ଲୋଭରେ ବିଭିନ୍ନ ସଂପ୍ରଦାୟର ଅନେକ ଯୁବକମାନେ ଆପଣ ସ.ଅଙ୍କୁ ସନ୍ଧାନ କରିବାରେ ଚତୁର୍ଦ୍ଦିଗରେ ବାହାରି ପଡ଼ିଲେ । ସୁତରାଂ ସୁରାକା ବିନ୍ ମାଲିକ୍ର ଆଁହଜରତ ସ.ଅଙ୍କର ପିଛା କରିବା.......ସେହି ପୁରସ୍କାର ରାଶିର ଘୋଷଣାର ପରିଣାମ ହିଁ ଥିଲା । କିନ୍ତୁ ଉକ୍ତ ଯୋଜନାରେ ମଧ କୁରେଶ୍‌ମାନଙ୍କୁ ଅକୃତକାର୍ଯ୍ୟର ମୁହଁ ଦେଖିବାକୁ ପଡ଼ିଥିଲା । ସୁତରାଂ ଯଦି ବିଚାର କରାଯାଏ ତେବେ ଦୁଇଟି ଜାତିଙ୍କ ମଧରେ ଯୁଦ୍ଧର ସୂତ୍ରପାତ ହେବା ନିମନ୍ତେ କେବଳ ଏହି ଗୋଟିଏ କାରଣ ହିଁ ଯଥେଷ୍ଟ ଯେ, କୌଣସି ଜାତିର ମୁନିବଙ୍କ ସଂକ୍ରାନ୍ତରେ ଅନ୍ୟ ଜାତି ଏହିପରି ପୁରସ୍କାର ରାଶିର ଘୋଷଣା କରୁ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦି ସାହେବ ଏମ୍.ଏ ର.ଅ, ପୃ-298-300)**

ସେହିପରି ଆଁହଜରତ ସ.ଅ ଯେତେବେଳେ ମକ୍କାରୁ ପ୍ରବାସ କରି ମଦିନାକୁ ଚାଲି ଆସିଲେ ସେତେବେଳେ କୁରେଶ୍‌ମାନେ ମଦିନାର ଅଧିପତି ଅବଦୁଲ୍ଲାଃ ବିନ୍ ଉବେି ଓ ତା'ର ସାଥିମାନଙ୍କର ନାଁରେ ଏକ ଧମକପୂର୍ଣ୍ଣ ପତ୍ର ଲେଖିଲା । କୁରେଶ୍‌ମାନେ ମଦିନାର ଅଧିପତିଙ୍କୁ ପତ୍ରରେ ଏହା ଉଲ୍ଲେଖ କଲା ଯେ, ତୁମେ ଆମର ସାଥିଙ୍କୁ ଆଶ୍ରୟ ପ୍ରଦାନ କରିଛି ଓ ଆମେମାନେ ଅଲ୍ଲାଃତାଲାଙ୍କର ଶପଥ କରି କହୁଛୁ ଯେ, ତୁମେ ମୁହମ୍ମଦ ସ.ଅଙ୍କ ସହିତ ଯୁଦ୍ଧ କର କିମ୍ବା ତାହାଙ୍କୁ ନିଜର ମାତୃଭୂମିରୁ ନିର୍ବାସିତ କରିଦିଅ ଅବା ଆମମାନେ ସମସ୍ତେ ଏକତ୍ରିତ ହୋଇ ତୁମ ଉପରେ ଆକ୍ରମଣ କରିବୁ ଓ ତୁମମାନଙ୍କର ଯୋଦ୍ଧବୃନ୍ଦଙ୍କୁ ହତ୍ୟା କରିଦେବୁ ତଥା ତୁମମାନଙ୍କର ପତ୍ନୀଙ୍କୁ ଆମେମାନେ ନିଜ ଅଧୀନକୁ ନେଇ ଆସିବୁ ଅର୍ଥାତ୍ ବିବାହ କରିନେବୁ । ଯେତେବେଳେ ଉକ୍ତ ପତ୍ର ଅବଦୁଲ୍ଲାଃ ଉବେି ଓ ତା'ର ପିତୁଳା ପୂଜକ ସାଥିମାନଙ୍କୁ ପ୍ରାପ୍ତ ହେଲା ସେତେବେଳେ ସେ ନବୀ କରୀମ୍ ସ.ଅଙ୍କ ସହିତ ଯୁଦ୍ଧ କରିବାକୁ ଏକତ୍ରିତ ହୋଇଗଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ କଥା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସେମାନଙ୍କୁ ସାକ୍ଷାତ୍ କଲେ ଓ କହିଲେ, କୁରେଶ୍‌ମାନେ ତୁମମାନଙ୍କୁ ଯେଉଁ ଧମକ ଦେଇଛନ୍ତି ତୁମ ବିଚାରର ତାହା ବହୁତ ବଡ଼ ଧମକ ଅଟେ । କିନ୍ତୁ ତୁମେମାନେ ଯେଭଳି ନିଜକୁ ନିଜେ କ୍ଷତି ପହଞ୍ଚାଇ ପାରିବ ସେମାନେ ସେତେଟା କ୍ଷତି ପହଞ୍ଚାଇ ପାରିବେ ନାହିଁ। ତୁମେ ଚାହୁଁଛ ଯେ, ତୁମେ ନିଜର ପୁତ୍ର ଓ ଭାଇମାନଙ୍କ ସହିତ ଯୁଦ୍ଧ କରିବ । କାରଣ ସେମାନଙ୍କ ମଧରୁ ଅନେକ ଲୋକ ମୁସଲମାନ ହୋଇ ସାରିଥିଲେ । ଇହୁଦୀମାନେ ଯେତେବେଳେ ନବୀ ସ.ଅଙ୍କ ଠାରୁ ଏହି କଥା ଶୁଣିଲେ ସେତେବେଳେ ସେମାନେ ଏଣେତେଣେ ଚାଲିଗଲେ ଓ ତା'ଙ୍କୁ ଛାଡ଼ି ଦେଇଗଲେ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଖରାଜ୍, ବାବ ଫି ଖବରୁନ୍ ନସିର୍, ହଦିସ୍-3004)**

ସେହିପରି ମକ୍କାର କୁରେଶ୍‌ମାନେ ଆରବର ବିଭିନ୍ନ ସଂପ୍ରଦାୟର ଗସ୍ତ କରି ମୁସଲମାନମାନଙ୍କ ବିରୁଦ୍ଧରେ ସେମାନଙ୍କୁ ଉସକାଇବାକୁ ଆରମ୍ଭ କଲେ। ଅତଃ ତତ୍‌ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉଲ୍ଲେଖ କରନ୍ତି ଯେ, "ମକ୍କାର ଅବିଶ୍ୱାସକାରୀମାନେ କେବଳ ଏତିକିରେ ଅଟକି ଗଲେ ନାହିଁ ବରଂ ଯେତେବେଳେ କୁରେଶ୍‌ମାନେ ଦେଖିଲେ ଯେ, ଔସ୍ ଓ ଖଜରଜ୍ ସଂପ୍ରଦାୟ ମୁସଲମାନମାନଙ୍କ ଆଶ୍ରୟରୁ ମୁକ୍ତ ନହୁଅନ୍ତି ତାହାହେଲେ ସମ୍ଭବତଃ ଇସ୍‌ଲାମ୍ ଧର୍ମ ମଦିନାରେ ନିଜର ମୂଳ ପ୍ରସାରିତ କରିନେବ। ତେଣୁ ସେମାନେ ଅନ୍ୟ ସଂପ୍ରଦାୟର ଗସ୍ତ କରି ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉସକାଇବାକୁ ଆରମ୍ଭ କରିଦେଲେ ଏବଂ କୁରେଶ୍‌ମାନେ ଖାନା କାଆବାର ଅଧିଷ୍ଠାତା ହେବା ଯୋଗୁଁ ସମଗ୍ର ଆରବୀୟ ସଂପ୍ରଦାୟ ଉପରେ ବିଶେଷ ଓ ଅଖଣ୍ଡ ପ୍ରଭାବ ରହିଥିଲା । ତେଣୁ କୁରେଶ୍‌ମାନଙ୍କ ଉସକାଇବା ତଥା ପ୍ରରୋଚନା ହେତୁ ଆରବର ଅନେକ ସଂପ୍ରଦାୟ ମୁସଲମାନମାନଙ୍କର ପ୍ରାଣର ଶତ୍ରୁ ହୋଇଗଲେ । ମଦିନାର ଏହି ଅବସ୍ଥା ହୋଇଗଲା ଯେ, ମଦିନା ଚତୁର୍ପାର୍ଶ୍ୱ କେବଳ ଅଗ୍ନି ଓ ଦାବାନଳ ଦୃଶ୍ୟମାନ ହେଉଥିଲା ।" **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ)**

ସୁତରାଂ ଏକ ବର୍ଣ୍ଣନାରେ ଚର୍ଚ୍ଚା ମିଳେ ଯେ,ହ. ଇବ୍‌ନେ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଆପଣ ସ.ଅଙ୍କ ସାହାବାମାନେ ଯେତେବେଳେ ମଦିନା ଆସିଲେ, ଅନ୍‌ସାରମାନେ ଯେତେବେଳେ ସେମାନଙ୍କୁ ଆଶ୍ରୟ ପ୍ରଦାନ କଲେ ସେତେବେଳେ ସମଗ୍ର ଆରବ ଏକ ଧନୁ ପରି ଅର୍ଥାତ୍ ଏକ ପ୍ରାଣ ହୋଇ ସେମାନଙ୍କ ବିରୁଦ୍ଧରେ ଛିଡ଼ା ହୋଇପଡ଼ିଲେ । ସୁତରାଂ ସେହି ଦିନମାନଙ୍କରେ ମସୁଲମାନମାନଙ୍କର ଏହି ଅବସ୍ଥା ଥିଲା ଯେ, ସେମାନେ ରାତ୍ରରେ ଅସ୍ତ୍ର ଧରି ଶୋଉଥିଲେ ଏବଂ ଦିନବେଳା ମଧ ଅସ୍ତ୍ର ଧରି ବୁଲୁଥିଲେ । ମୁସଲମାନମାନେ ପରସ୍ପରକୁ କହୁଥିଲେ ଯେ, ଦେଖ ! ଆମେମାନେ ସେପର୍ଯ୍ୟନ୍ତ ଜୀବିତ ରହିବୁ କି ନାହିଁ । କାରଣ ଆମକୁ ଶାନ୍ତିପୂର୍ଣ୍ଣ ରାତ୍ର ଯାପନ କରିବାକୁ ସୁଯୋଗ ମିଳିବ ଓ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାରି ଭୟ ରହିବ ନାହିଁ । **(ଅଲ୍‌ମୁସ୍ତଦ୍‌ରିକ୍, ଅଲସ୍ ସହିହେନ୍, କିତାବୁତ୍ ତଫ୍‌ସିର୍, ତଫ୍‌ସିର ସୁରତୁନ୍ ନୁର୍, ହଦିସ୍ ନଂ-3512, ଭାଗ-2, ପୃ-435, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ 2002 ମସିହା)**

ରସୁଲୁଲ୍ଲାଃ ସ.ଅଙ୍କର ଏହି ଅବସ୍ଥା ଥିଲା ଯେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି: ଆଁହଜରତ ସ.ଅ ଯେତେବେଳେ ପ୍ରାରମ୍ଭିକ କାଳରେ ମଦିନା ଗଲେ ସେତେବେଳେ ଶତ୍ରୁର ଆକ୍ରମଣର ଆଶଙ୍କା କରି ଆପଣ ସ.ଅ ରାତ୍ରରେ ଉଜାଗର ରହୁଥିଲେ । **(ଅସ୍ ସୁନନୁଲ୍ କୁବ୍ରା, ଲିନ୍ ନିସାଇ, କିତାବୁଲ୍ ମନାକିବି, ସାଆଦ୍ ବିନ୍ ମାଲିକ୍, ହଦିସ୍ ନଂ-8217, ଭାଗ-5, ପୃ-61, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1991)**

ସେହି କାଳର ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି :
وَاذْكُرُوْٓا اِذْ اَنْتُمْ قَلِيْلٌ مُّسْتَضْعَفُوْنَ فِي الْاَرْضِ تَخَافُوْنَ اَنْ يَّتَخَطَّفَكُمُ النَّاسُ فَاٰوٰىكُمْ وَاَيَّدَكُمْ بِنَصْرِهٖ وَرَزَقَكُمْ مِّنَ الطَّيِّبٰتِ لَعَلَّكُمْ تَشْكُرُوْنَ (ଅଲ୍ ଅନ୍‌ଫାଲ୍: 27)
ଅର୍ଥାତ୍ ଏବଂ ସ୍ମରଣ କର ଯେ, ତୁମେମାନେ ଯେତେବେଳେ ଅଳ୍ପ ସଂଖ୍ୟକ ଥିଲ ତଥା ପୃଥିବୀରେ ଦୁର୍ବଳ ମନେକରାଯାଉଥିଲ ଏବଂ ତୁମେମାନେ ଭୟ କରୁଥିଲ ଯେ, କାଳେ ଲୋକମାନେ ତୁମମାନଙ୍କୁ ବଳପୂର୍ବକ ଘେନି ଯିବେ, ସେତେବେଳେ ସେ ଅଲ୍ଲାଃ ଏହା ସତ୍ତ୍ୱେ ତୁମମାନଙ୍କୁ ମଦିନାରେ ଆଶ୍ରୟ ପ୍ରଦାନ କଲେ ତଥା ନିଜ ସହାୟତା ଦ୍ୱାରା ତୁମମାନଙ୍କୁ ସମର୍ଥନ କଲେ ଏବଂ ବିଶୁଦ୍ଧ ଦ୍ରବ୍ୟଗୁଡ଼ିକ ଦ୍ୱାରା ତୁମମାନଙ୍କୁ ଜୀବିକ ପ୍ରଦାନ କଲେ ଯେପରି କି ତୁମେମାନେ କୃତଜ୍ଞ ହେବ ।

ଏହା ବାହ୍ୟ ବିପଦ ଥିଲା ଯାହା ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା ହୋଇଛି । ମଦିନା ଭିତରେ ମଧ ପରିସ୍ଥିତି ସେତେଟା ଅନୁକୂଳ ନଥିଲା । ଯେପରିକି ତତ୍‌ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ମଦିନା ମଧରେ ଏହି ଅବସ୍ଥା ଥିଲା ଯେ, ଏପର୍ଯ୍ୟନ୍ତକି ଔସ୍ ଓ ଖଜରଜ୍ ସଂପ୍ରଦାୟର ଅଧିକାଂଶ ବ୍ୟକ୍ତିମାନେ ପିତୁଳା ଉପାସକ ଥିଲେ ଏବଂ ଈଶ୍ୱରଙ୍କ ସହିତ ଅନ୍ୟଙ୍କୁ ସମକକ୍ଷ କରୁଥିଲେ । ସେମାନେ ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ନିଜର ଭାଇ ବନ୍ଧୁମାନଙ୍କ ସହିତ ଥିଲେ । କିନ୍ତୁ ସେହି ପରିସ୍ଥିତିରେ ଏକ ଅବିଶ୍ୱାସକାରୀର କ'ଣ ବା ବିଶ୍ୱାସ କରାଯାଇପାରିବ ? **ଦ୍ୱିତୀୟରେ** କପଟବିଶ୍ୱାସୀମାନେ ରହିଥିଲ ଯେଉଁମାନେ ବାହ୍ୟତଃ ବା ପ୍ରକାଶ୍ୟ ଭାବରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲେ କିନ୍ତୁ ପ୍ରଚ୍ଛଦ ପଟରେ ସେମାନେ ଇସଲାମ୍ ଧର୍ମର ଶତ୍ରୁ ଥିଲେ ଏବଂ ମଦିନା ଭିତରେ ସେମାନଙ୍କର ଅସ୍ତିତ୍ୱ ଅତ୍ୟନ୍ତ ଭୟାବହତା ଜନିତ ଆଶଙ୍କା ସୃଷ୍ଟି କରୁଥିଲା । **ତୃତୀୟତଃ** ଇହୁଦୀମାନଙ୍କ ସହିତ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଥିଲା । କିନ୍ତୁ ଇହୁଦୀମାନଙ୍କ ନିକଟରେ ଚୁକ୍ତିର କୌଣସି ମୂଲ୍ୟ ନଥିଲା। ଅତଏବ ଏହିପରି ଭାବରେ ସ୍ୱୟଂ ମଦିନା ଭିତରେ ଏପରି କାରକ ବିଦ୍ୟମାନ ରହିଥିଲା ଯିଏ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ଗୁପ୍ତ ବାରୁଦ ଠାରୁ କିଛି ନ୍ୟୁନ ନଥିଲା ଏବଂ ଆରବୀୟ ସଂପ୍ରଦାୟର ସାମାନ୍ୟ ଅଗ୍ନି ସ୍ଫୁଲିଙ୍ଗ ଉକ୍ତ ବାରୁଦକୁ ଅଗ୍ନି ସଂଯୋଗ କରିବା ଏବଂ ମଦିନାରେ ଥିବା ମୁସଲମାନମାନଙ୍କୁ ସହସା ଉଡ଼ାଇ ଦେବା ନିମନ୍ତେ ଯଥେଷ୍ଟ ଥିଲା । ଇସ୍‌ଲାମ୍ ଧର୍ମ ଉପରେ ଏପରି ଘଡ଼ିସନ୍ଧି ମୁହୂର୍ତ୍ତ କେବେ ବି ଆସି ନାହିଁ କିମ୍ବା ଆଁହଜରତ ସ.ଅ ଉପରେ ଅଲ୍ଲାଃତାଲାଙ୍କର ଐଶୀବାଣୀ ଅବତୀର୍ଣ୍ଣ ହୋଇଥିବ ଯେ, ବର୍ତ୍ତମାନେ ତୁମେମାନେ ମଧ ସେହି ଅବିଶ୍ୱାସକାରୀଙ୍କ ବିପକ୍ଷରେ ଖଡ଼୍‌ଗ ବ୍ୟବହାର କରିବା ଉଚିତ୍ ଯେଉଁମାନେ ତୁମ ବିପକ୍ଷରେ ଖଡ଼୍‌ଗ ଉତ୍ତୋଳନ କରି ସଂପୂର୍ଣ୍ଣ ରୂପେ ଅନ୍ୟାୟ ତଥା ଅତ୍ୟାଚାର ଭାବରେ ରଣାଙ୍ଗନରେ ବାହାରି ପଡ଼ିଛନ୍ତି ଓ ଶେଷରେ ଅଲ୍ଲାଃତାଲାଙ୍କର ଜିହାଦ୍ ବିସ୍ ସୈଫ୍‌ର ଘୋଷଣା ହୋଇଗଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହିବଜାଦା ହ. ମିର୍ଜା**

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାଙ୍କୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

**ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-302)**

ଜିହାଦ୍ ବିସ୍ ସୈଫ୍ ସଂକ୍ରାନ୍ତରେ ସର୍ବପ୍ରଥମ ଆୟତ୍ ଆଁହଜରତ ସ.ଅଙ୍କ ଉପରେ 12 ସିଫର ସନ୍ 2 ହିଜ୍‌ରୀ ଅନୁଯାୟୀ 15 ଅଗଷ୍ଟ ସନ୍ 623 ମସିହାରେ ଅବତୀର୍ଣ୍ଣ ହେଲା । ଅପରପକ୍ଷେ ଆପଣ ସ.ଅ ମଦିନା ଆଗମନକୁ ଏକ ବର୍ଷର ଅବଧି ଅତିକ୍ରାନ୍ତ ହୋଇଥିଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହେବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ, ପୃ-303)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଯେଉଁ ଗବେଷଣା କରିଛନ୍ତି ତଦନୁଯାୟୀ ଆୟତ୍‌ର ଏହି ଇତିହାସ ସାବ୍ୟସ୍ତ ହୁଏ ଯେ, ଉକ୍ତ ସୁରତ୍ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଏହାର କିଛି ଅଂଶ ମକ୍କାରେ ଅବତୀର୍ଣ୍ଣ ହେଲା ଓ କିଛି ଅଂଶ ମଦିନାରେ ଅବତୀର୍ଣ୍ଣ ହେଲା । କିନ୍ତୁ ସେ ଯାହା ହେଉ ନା କାହିଁକି ଉକ୍ତ ଆୟତ୍ ସଂପର୍କରେ ବିଭିନ୍ନ ବର୍ଣ୍ଣନା ବର୍ଣ୍ଣିତ ହୋଇଛି । ଏହି ବର୍ଣ୍ଣନା ମଧ୍ୟ ରହିଛି ଯେ, ହିଜ୍ରତ୍ ଅବସରରେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହୋଇଥିଲା । **(ତଫ୍‌ସିର୍ କର୍ତ୍ତବି, ତଫ୍‌ସିର୍ ସୁରତୁଲ୍ ହଜ୍, ପ୍ରଦତ୍ତ ଆୟତ୍** أُذِنَ لِلَّذِينَ يُقَاتَلُونَ **ପୃ-2110)**

କାରଣ ମଦିନା ଆଗମନର କିଛି କାଳ ପରେ ନବୀ ସ.ଅ ମଦିନାର ଆଖପାଖରେ କୁରୈଶ୍‌ର ପ୍ରତିନିଧି ମଣ୍ଡଳକୁ ପ୍ରତିରୋଧ ଏବଂ ଅନ୍ୟ ସୁରକ୍ଷା ସଂପର୍କିତ ପ୍ରସଙ୍ଗ ନିମନ୍ତେ ସଶସ୍ତ୍ରଧାରୀ ଦଳ ପ୍ରେରଣ କରିବା ଆରମ୍ଭ କରିଦେଇଥିଲେ। ସେ ଯାହା ହେଉ ପ୍ରବାସର ପ୍ରାରମ୍ଭିକ ପର୍ଯ୍ୟାରେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେଲା କିମ୍ବା ଏକ ବର୍ଷ ଅତିକ୍ରାନ୍ତ ହେବା ପରେ । କିନ୍ତୁ ଏହା ପ୍ରଥମ ଅନୁମତି ଥିଲା ଧର୍ମ ବିପକ୍ଷରେ ଯୁଦ୍ଧକାରୀଙ୍କ ଜବାବରେ ଯୁଦ୍ଧ କରିବା ଓ ଆପଣ ସ.ଅ ସେହି ରାଜ୍ୟରୁ ବାହାରକୁ ବାହାରି ଆସିଥିଲେ ଯାହା ଅଧୀନ ପୂର୍ବେ ଆପଣ ସ.ଅ ଥିଲେ। ଯେପରିକି ପୂର୍ବେ ବର୍ଣ୍ଣିତ ହୋଇସାରିଛି ଅନ୍ୟ ରାଜ୍ୟରେ ବା ଅନ୍ୟ ସରକାରଙ୍କ କ୍ଷମତା ଅଧୀନ ରହି କୌଣସି ଯୁଦ୍ଧ କରା ଯାଇ ପାରି ନଥିଲା। ଆପଣ ସ.ଅଙ୍କର ନିଜସ୍ୱ ଏକ ଶାସନ ବ୍ୟବସ୍ଥା ସ୍ଥାପିତ ହୋଇ ସାରିଥିଲା । ଉକ୍ତ ଆୟତ୍‌ରେ ଯେଉଁଥିରେ ଅଲ୍ଲାଃତାଲା ଅନୁମତି ଦେଲେ ଯେ, ସୁରତୁଲ୍ ହଜ୍‌ର 2ଟି ଆୟତ୍ ରହିଛି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: أُذِنَ لِلَّذِينَ يُقَاتَلُونَ بِأَنَّهُمْ ظُلِمُوا وَإِنَّ اللَّهَ عَلَىٰ نَصْرِهِمْ لَقَدِيرٌ الَّذِينَ أُخْرِجُوا مِنْ دِيَارِهِمْ بِغَيْرِ حَقٍّ إِلَّا أَنْ يَقُولُوا رَبُّنَا اللَّهُ وَلَوْلَا دَفْعُ اللَّهِ النَّاسَ بَعْضَهُمْ بِبَعْضٍ لَهُدِّمَتْ صَوَامِعُ وَبِيَعٌ وَصَلَوَاتٌ وَمَسَاجِدُ يُذْكَرُ فِيهَا اسْمُ اللَّهِ كَثِيرًا وَلَيَنْصُرَنَّ اللَّهُ مَنْ يَنْصُرُهُ إِنَّ اللَّهَ لَقَوِيٌّ عَزِيزٌ **(ସୁରତୁଲ୍ ହଜ୍: 40-41)** ଅର୍ଥାତ୍ ଯେଉଁମାନଙ୍କ ସହିତ ବିନା କାରଣରେ ଯୁଦ୍ଧ କରାଯାଏ ସେମାନଙ୍କୁ ମଧ୍ୟ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଉଛି କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ଓ ସକ୍ଷମ ଅଟନ୍ତି । ଏମାନେ ସେହି ଲୋକ ଅଟନ୍ତି ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ ଅଲ୍ଲାଃ ଆମମାନଙ୍କର ପାଳନକର୍ତ୍ତା ଅଟନ୍ତି କହିବାରୁ କୌଣସି ଯୁକ୍ତିସଙ୍ଗତ କାରଣ ନଥାଇ ବିତାଡ଼ିତ କରାଗଲା ଏବଂ ଯଦି ଅଲ୍ଲାଃ ଏହି ଅବିଶ୍ୱସାକାରୀମାନଙ୍କ ମଧ୍ୟରୁ କେତକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା ଦୁଷ୍ଟାମିରୁ ଦୂରେଇ ନରଖନ୍ତେ ତେବେ ଆଶ୍ରମ, ଗିର୍ଜା ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସ କରି ଦିଆଯାଇଆନ୍ତା ଏବଂ ଅଲ୍ଲାଃ ସେହିମାନଙ୍କୁ ହିଁ ସାହାଯ୍ୟ କରିବେ ଯେଉଁମାନେ ତାହାଙ୍କୁ ଅର୍ଥାତ୍ ଅଲ୍ଲାଃଙ୍କ ଧର୍ମକୁ ସହାଯ୍ୟ କରିବେ ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ୍ ଓ ପରାକ୍ରମୀ । ଅର୍ଥାତ ଏଠାରେ ଧର୍ମଗୁଡ଼ିକୁ ସୁରକ୍ଷା ପ୍ରଦାନ କରାଯାଇଛି । ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କର ଉପସନା ସ୍ଥଳୀ ଏବଂ ଧର୍ପୀଠର ନାମ ନିଆଯାଇଛି ।

ଜିହାଦ୍ ଅନିର୍ବାର୍ଯ୍ୟ ହେବା ପରେ ରସୁଲ୍ କରୀମ୍ ସ.ଅ ଅବିଶ୍ୱାସାକାରୀଙ୍କ ଅନିଷ୍ଟତାରୁ ସୁରକ୍ଷତି ରଖିବା ନିମନ୍ତେ ପ୍ରାରମ୍ଭରୁ 4ଟି ପନ୍ଥା ଅବଲମ୍ବନ କରିଥିଲେ। ସୁତରାଂ ସେହି ପନ୍ଥାର ଚର୍ଚ୍ଚା କରି ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉଲ୍ଲେଖ କଲେ ଯେ, "**ପ୍ରଥମତଃ** ଆପଣ ସ.ଅ ସ୍ୱୟଂ ଯାତ୍ରା କରି ଆଖପାଖ ସଂପ୍ରଦାୟ ସହିତ ପାରସ୍ପାରିକ ଶାନ୍ତି ଓ ସୌହାର୍ଦ୍ଦ୍ୟର ଚୁକ୍ତି କରିବା ଆରମ୍ଭ କଲେ । କାରଣ ମଦିନାର ଆଖପାଖ ଅଞ୍ଚଳ ବିପଦମୁକ୍ତ ଏବଂ ସୁରକ୍ଷିତ ହୋଇଯାଉ । ଉକ୍ତ ପ୍ରସଙ୍ଗରେ ଆପଣ ସ.ଅ ବିଶେଷ କରି ସେହି ସଂପ୍ରଦାୟମାନଙ୍କୁ ଦୃଷ୍ଟି ସମ୍ମୁଖରେ ରଖିଲେ ଯେଉଁମାନେ କୁରୈଶ୍‌ଙ୍କ ସିରୀୟା ମାର୍ଗ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିଲେ । କାରଣ ଯେପରିକି ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ, ଏ ହେଉଛି ସେହି ସଂପ୍ରଦାୟ ଯାହାଙ୍କ ସହିତ ମକ୍କାର କୁରୈଶ୍‌ମାନେ ମୁସଲମାନମାନଙ୍କୁ ବିରୁଦ୍ଧରେ ଅଧିକ ସାହାଯ୍ୟ ପ୍ରାପ୍ତ କରିପାରି ଥାଆନ୍ତେ ଏବଂ ଯେଉଁମାନଙ୍କର ଶତ୍ରୁତା ମୁସଲମାନମାନଙ୍କ ସକାଶେ ଅତ୍ୟନ୍ତ ବିଷମ ପରିସ୍ଥିତ ସୃଷ୍ଟି କରିପାରି ଥାଆନ୍ତା । **ଦ୍ୱିତୀୟତଃ** ଆପଣ ସ.ଅ ଛୋଟ ଛୋଟ ଖବର ସରବରାହ ଦଳମାନଙ୍କୁ ମଦିନାର ବିଭିନ୍ନ ଦିଗରେ ପ୍ରେରଣ କରିବାକୁ ଆରମ୍ଭ କରିଦେଲେ । କାରଣ ଆପଣ ସ.ଅ କୁରୈଶ୍ ଓ ସେମାନଙ୍କର ମିତ୍ରମାନଙ୍କର ଯେଉଁ ମିତ୍ର ଥିଲେ ସେମାନଙ୍କର ଗତିବିଧି ସଂପର୍କରେ ଅବଧାରଣା ଅର୍ଥାତ୍ ସୂଚନା ମିଳୁଥାଉ । କୁରୈଶ୍‌ମାନଙ୍କୁ ଏହି ଧାରଣା ମଧ୍ୟ ରହୁ କି ମୁସଲମାନମାନେ ଅବଚେତନ ନୁହନ୍ତି ଓ ଏହିପରି ଭାବରେ ମଦିନା ସହସା ଆକ୍ରମଣ ଜନିତ ଅଶଙ୍କା ଠାରୁ ସୁରକ୍ଷିତ ହୋଇଯାଉ ।"

**ତୃତୀୟତଃ** ସେହି ଦଳକୁ ପ୍ରେରଣ କରିବାରେ ଏହି ସତର୍କତା ମଧ୍ୟ ରହିଥିଲା ଯେ, ଏହା ମାଧ୍ୟମରେ ମକ୍କା ଓ ତା'ର ଆଖପାଖର ଦୁର୍ବଳ, ଅଭାବି ଦରିଦ୍ର ମୁସଲମାମାନଙ୍କୁ ମଦିନାର ମୁସଲମାନମାନଙ୍କ ସହିତ ଆସି ମିଶିଯିବାର ସୁଯୋଗ ମିଳିଯାଉ । ଏପର୍ଯ୍ୟନ୍ତ ମକ୍କା ଅଞ୍ଚଳରେ ଏପରି ଅନେକ ଲୋକମାନେ ବିଦ୍ୟମାନ ଥିଲେ । କିନ୍ତୁ କୁରୈଶ୍‌ର ଅତ୍ୟାଚାର ଯୋଗୁଁ ନିଜର ଇସ୍‌ଲାମ୍ ଧର୍ମ ସଂପର୍କରେ ଖୋଲମଖୋଲା ରୂପେ ପରିପ୍ରକାଶ କରିପାରୁ ନଥିଲେ ଓ ନା ହିଁ ଦାରିଦ୍ର୍ୟତା ଏବଂ ଦୁର୍ବଳତା ଯୋଗୁଁ ସେମାନଙ୍କ ମଧ୍ୟରେ ପ୍ରବାସ କରିବାର ସାମର୍ଥ୍ୟ ନଥିଲା । କାରଣ କୁରୈଶ୍ ଏପରି ଲୋକମାନଙ୍କୁ ଜୋର ଜବରଦସ୍ତ କରି ଅଟକାଉଥିଲେ.... ।

**ଚତୁର୍ଥତଃ** ପନ୍ଥା ବା ଯୋଜନା ଏହା ଆପଣାଇଲେ ଯେ, ଆପଣ ସ.ଅ କୁରୈଶ୍‌ର ସେହି ବ୍ୟବସାୟିକ ଯାତ୍ରୀ ସମୂହକୁ ଅଟକାଇବା ପାଇଁ ପ୍ରୟାସ ଆରମ୍ଭ କରି ଦେଇଥିଲେ ଯେଉଁମାନେ ମକ୍କାରରୁ ସିରୀୟା ଅଭିମୁଖେ ଯିବା ଆସିବା କରି ମଦିନା ନିକଟ ଦେଇ ଅତିକ୍ରମ କରୁଥିଲେ । କାରଣ ଉକ୍ତ ଯାତ୍ରୀସମୂହ ଯେଉଁ ଯେଉଁ ମାର୍ଗ ଏବଂ ଅଞ୍ଚଳ ଦେଇ ଅତିକ୍ରମ କରୁଥିଲେ ମୁସଲମାନମାନଙ୍କ ବିରୁଦ୍ଧରେ ଶତ୍ରୁତାର ଅଗ୍ନି ସଂଯୋଗ କରି ଚାଲିଥିଲେ । ପ୍ରକାଶ୍ୟତଃ ମଦିନାର ଆଖପାଖ ଅଞ୍ଚଳରେ ଇସ୍‌ଲାମ୍ ଧର୍ମର ଶତ୍ରୁତାର ବୀଜ ବପନ କରାଯିବା ମୁସଲମାନମାନଙ୍କ ନିମନ୍ତେ ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା ।" ପୁନଶ୍ଚ ଉକ୍ତ ଯାତ୍ରୀସମୂହ ସର୍ବଦା ଅସ୍ତ୍ରଧାରୀ ହୋଇ ରହୁଥିଲେ ଓ ପ୍ରତ୍ୟେକ ବ୍ୟକ୍ତି ବୁଝିପାରୁ ଥିଲା ଯେ, ଏହି ପ୍ରକାରର ଯାତ୍ରୀସମୂହର ମଦିନାରୁ ଏପରି ନିକଟ ଦେଇ ଅତିକ୍ରମା କରିବା କଦାପି ବିପଦପୂର୍ଣ୍ଣ ନଥିଲା। ପୁନଶ୍ଚ ଉକ୍ତ କଥା ମଧ୍ୟ ରହିଛି ଯେ, କୁରୈଶ୍ ସଂପ୍ରଦାୟ ଅଧିକାଂଶ ସମୟ ବାଣିଜ୍ୟ ଯୋଗୁଁ ଯିବା ଆସିବା କରୁଥିଲେ ଓ ଆଭ୍ୟନ୍ତରୀଣ ଅବସ୍ଥା କୁରୈଶ୍‌କୁ ଅଧୀନ ଆଣିବା ଏବଂ ସେମାନଙ୍କୁ ସେମାନଙ୍କର ଅନ୍ୟାୟମୂଳକ କାର୍ଯ୍ୟାନୁଷ୍ଠାନକୁ ଅଟକାଇବା ଓ ସନ୍ଧି ସ୍ଥାପନ କରିବାର ଏହା ସର୍ବାଧିକ ବିଶ୍ୱସ୍ତ ଓ ତୁରନ୍ତ ପ୍ରଭାବଶାଳୀ ମାଧ୍ୟମ ଥିଲା । କାରଣ ସେମାନଙ୍କର ବ୍ୟବସାୟର ମାର୍ଗକୁ ବନ୍ଦ କରିଦିଆଯାଉ । ସୁତରାଂ ତହିଁରେ ସେମାନଙ୍କର ବ୍ୟବସାୟିକ ତଥା ବାଣିଜ୍ୟିକ ଯାତ୍ରୀସମୂହକୁ ଅଟକାଇବାର ମୁଖ୍ୟ ଭୂମିକାର ରହିଥିଲା। ସତୁରାଂ ଉକ୍ତ ଯୋଜନାଟି ବୁଦ୍ଧିମାନପୂର୍ଣ୍ଣ ଯୋଜନା ଥିଲା ଯାହାକି ଯଥା ସମୟରେ ସଫଳତାର ସୁଅ ଆଣି ଦେଇଥିଲା । ପୁନଶ୍ଚ କୁରୈଶ୍‌ମାନଙ୍କ ସେହି ଯାତ୍ରୀ ସମୂହଙ୍କର ଲାଭ ବେଳେବେଳେ ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିବା ନିମନ୍ତେ ପ୍ରଚେଷ୍ଟାରେ କେବଳ ବ୍ୟୟ ହେଉଥିଲା ତାହା ନୁହେଁ ବରଂ ବେଳେବେଳେ କେତେକ ଯାତ୍ରୀସମୂହ ତ' ବିଶେଷ କରି ଉକ୍ତ ଉଦ୍ଦେଶ୍ୟ ରଖି ପ୍ରେରଣ କରୁଥିଲେ ଯେ, ସେମାନଙ୍କର ସମସ୍ତ ଲାଭ ମୁସଲମାନମାନଙ୍କ ବିରୁଦ୍ଧରେ ବ୍ୟବହାର କରାଯାଉ । ସେମାନେ ଯେଉଁ ବ୍ୟବସାୟ ବାଣିଜ୍ୟ କରୁଥିଲେ ଏବଂ ଯେଉଁ ଲାଭ ସେମାନଙ୍କୁ ବ୍ୟବସାୟରୁ ଯେଉଁ ଲାଭ ପ୍ରାପ୍ତ ହେଉଥିଲା ତାହାକୁ ସେମାନେ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ବ୍ୟବହାର କରୁଥିଲେ । ଏପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟକ୍ତି ଏହା ବୁଝିପାରିବ ଯେ, ସେହି ଯାତ୍ରୀସମୂହଙ୍କୁ ଅଟକାଇବା ନିଜ ଅସ୍ତିତ୍ୱରେ ଏକ ଯଥୋଚିତ ଅଭିପ୍ରାୟ ଥିଲା ।" **(ସିରତ୍ ଖାତମୁନ୍ ନୀବୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ. ର.ଅ, ପୃ-323-324)**

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ ସ.ଅ ଓ ସାହାବାମାନଙ୍କର ଏହି ଜୀବନୀ ପରମ୍ପରା ବର୍ତ୍ତମାନ ଜାରି ରହିବ ଏହାର ଅବଶିଷ୍ଟାଂଶ ଇନଶାଅଲ୍ଲାଃ ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିଦେବାକୁ ଚାହୁଁଛି । ଏହି ମୃତକମାନଙ୍କର ନମାଜ ଯନାଜାଃ ନମାଜ ଜୁମା ପରେ ପାଠ କରାଯିବ । ମୃତକମାନଙ୍କ ମଧ୍ୟରେ ପ୍ରଥମ ଯନାଜାଃ ହାଜିର ହେଲା ସମ୍ମାନନୀୟ ସ୍ୱର୍ଗତ ଖ୍ୱାଜା ମୁନୀରୁଦ୍ଦୀନ୍ କମର୍ ସାହେବ ଏବଂ ଅବଶିଷ୍ଟ ତକ ଯନାଜାଃ ହେଉଛି ଗାଏବ୍। ସ୍ୱର୍ଗତ ଖ୍ୱାଜା ମୁନୀରୁଦ୍ଦୀନ୍ କମର୍ ସାହେବ ଏଠାରେ ଅର୍ଥାତ ୟୁ.କେରେ


ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ରହୁଥିଲେ। ମେ ମାସ 27 ତାରିଖ ଦିନ 86 ବର୍ଷ ବୟସରେ ପ୍ରଭୁଙ୍କ ଲିଖିତ ବିଧାନ ଅନୁଯାୟୀ ସ୍ୱର୍ଗତଙ୍କର ବିୟୋଗ ହୋଇଗଲା । اناللہواناالیہراجعون ।

ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ମିଆଁ ଖୈରୁଦ୍ଦୀନ୍ ସେଖୱାନୀ ସାହେବ ର.ଅଙ୍କ ପୌତ୍ର ଥିଲେ । ଆପଣଙ୍କ ପିତାଶ୍ରୀ ମୌଲାନା କମ୍ରୁଦ୍ଦୀନ୍ ସାହେବଙ୍କୁ ମଧ ହ. ମସିହ୍ ମଉଦ୍ ଅ.ସ ମସିହ୍ ମଉଦ୍ ଅ.ସ ବାଲ୍ୟ କାଳରେ ଦେଖିଛନ୍ତି । ସେତେବେଳେ ବହୁତ ପିଲାଳିଆ ବୟସ ଥିଲା । ସେ ଯାହେ ହେଉ ତାଙ୍କର ପିତାଶ୍ରୀ ମୌଲବୀ କମ୍ରୁଦ୍ଦୀନ୍ ସାହେବ ମଜ୍ଲିସେ ଖୁଦ୍ଦାମୁଲ୍ ଅହେମଦିୟାର ପ୍ରଥମ କେନ୍ଦ୍ରୀୟ ସଭାପତି ଥିଲେ । ଯେତେବେଳେ ଭାରତ ଓ ପାକ୍ ବିଭାଜନ ହେଲା ସେତେବେଳେ ଏମାନେ ପାକିସ୍ତାନ ସ୍ଥାନାନ୍ତରିତ ହୋଇଗଲେ । ପୁନଶ୍ଚ ଖ୍ୱାଜା ମୁନୀରୁଦ୍ଦୀନ୍ ସାହେବ କିଛି କାଳ ପାଇଁ ତାନ୍ଜାନିୟା ଆଫ୍ରିକା ଚାଲିଗଲେ। ରବ୍ୱାରେ ମଧ ଆପଣ ବିଭିନ୍ନ ପଦବୀରେ ଆସନ୍ନିତ ହୋଇ ଜମାଅତ୍ର ସେବା କରିବା ପାଇଁ ସାମର୍ଥ୍ୟ ଲାଭ ପାଇଥିଲେ । ପୁନଶ୍ଚ 1966 ମସିହାରେ ନିଜର ଫ୍ୟାମିଲି ସହିତ ୟୁ.କେ ଚାଲି ଆସିଲେ ଏବଂ ଏଠାରେ ମସଜିଦେ ଫଜଲ୍ ନିକଟରେ ସେ ରହୁଥିଲେ । ପୁରୁଣା ସମସ୍ତ ଅହେମଦିମାନେ ସ୍ୱର୍ଗତ ମୁନୀର୍ ସାହେବଙ୍କୁ ଜାଣିଥିଲେ । ଖିଲାଫତେ ରାବିୟା (ଖଲିଫା ରାବେ)ଙ୍କ ସମୟରେ ସେ ଦୀର୍ଘ କାଳ ପର୍ଯ୍ୟନ୍ତ ମସ୍ଜିଦ୍ ଫଜଲ୍ ଠାରେ ଜୁମାର ଅଜାନ୍ ଦେବାର ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସ୍ୱର୍ଗତ ମୁନୀର୍ ସାହେବ ସଦର୍ ଜମାଅତ୍ ଭାବରେ ମସ୍ଜିଦ୍ ଫଜଲ୍ ଲଣ୍ଡନ ଓ ପଟ୍ନୀ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । 1995 ମସିହାରେ ଅବସର ନେବା ପରେ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଓ ବିଗତ 29 ବର୍ଷ ଧରି ସ୍ୱେଚ୍ଛାକୃତ ଭାବରେ ପ୍ରଥମେ ଏଠାରେ ଅର୍ଥାତ୍ ୱକାଲତେ ତବ୍ଶୀର ଠାରେ ଓ ପରେ ଦଫ୍ତର୍ ପ୍ରାଇଭେଟ୍ ସେକ୍ରେଟାରୀ ୟୁ.କେ ଠାରେ ସେବା କରିବାକୁ ସମାର୍ଥ୍ୟ ଲାଇ ହୋଇଥିଲା । ମୃତ୍ୟୁର ଗୋଟିଏ ଦିନ ପୂର୍ବେ ମଧ ନମାଜ ଜୋହୋରା ପୂର୍ବରୁ ସେ କାର୍ଯ୍ୟାଳୟରେ କାମ କରୁଥିଲ। ପୁନଶ୍ଚ ନମାଜ ପାଠ କରିବା ପରେ ଘରକୁ ଫେରିଗଲେ । ପାଞ୍ଚବେଳା ନମାଜ ପାଠକାରୀ, ଅତ୍ୟନ୍ତ ବିନୀତ ତଥା ଶାନ୍ତ ଶିଷ୍ଟ ସ୍ୱଭାବ, ସହାନୁଭୂତି ପ୍ରଦର୍ଶନକାରୀ ବ୍ୟକ୍ତି, ମେଳାପୀ ପ୍ରିୟ, ସଦାଚାରୀ, ନୈଷ୍ଠିକ ଏବଂ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ସ୍ୱର୍ଗତ ମୁନୀର୍ ସାହେବ ଓସିୟତ୍ ମଧ କରିଥିଲେ । ପତ୍ନୀଙ୍କ ବ୍ୟତୀତ 2 ପୁତ୍ର, 2 କନ୍ୟା ସନ୍ତାନ ଓ ପୌତ୍ର ପୌତ୍ରୀମାନେ ମଧ ଅଛନ୍ତି । ୟୁ.କେର ଅମୀର୍ ସାହେବଙ୍କ ସ୍ୱର୍ଗତ ମୁନୀର ସାହେବ ମାମୁ ମଧ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।

**ଦ୍ୱିତୀୟ ଯନାଜାଃ ଗାଏବ୍** ହେଲା ସାହିବଜାଦା ଡ଼ାକ୍ତର ମିର୍ଜା ମୁବଶ୍ଶୀର ଅହେମଦ ସାହେବଙ୍କର । ସ୍ୱର୍ଗତ ମୁର୍ଜା ମୁବଶ୍ଶୀର ଅହେମଦ୍ ସାହେବ ହ. ମୁସ୍ଲେହ୍ ମଉଦ୍ ର.ଅଙ୍କର ପୌତ୍ର ଥିଲେ ଓ ଡାକ୍ତର ମିର୍ଜା ମୁନୱର୍ ଅହେମଦ୍ ସାହେବ ଏବଂ ମେହମୁଦା ବେଗମ ସାହେବାଙ୍କର ସୁପୁତ୍ର ଥିଲେ ତଥା ହ. ନୱାବ୍ ମୁବାରକା ବେଗମ ସାହେବାଙ୍କର ନାତି ଥିଲେ । ସ୍ୱର୍ଗତ ମୁବଶ୍ଶିର୍ ସାହେବଙ୍କର 79 ବର୍ଷ ବୟସରେ ବିଗତ ଦିନରେ ପରଲୋକ ହୋଇଯାଇଛି । اناللہواناالیہ راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁବଶ୍ଶୀର ସାହେବ ମୁିସି ଥିଲେ (ଓସିୟତ୍ କରିଥିଲେ) ପ୍ରାରମ୍ଭିକ ଶିକ୍ଷା ସେ ରବ୍ୱାରୁ ପ୍ରାପ୍ତ କରିଥିଲେ । ପୁନଶ୍ଚ କିଙ୍ଗ୍ ଏଡ଼୍ୱାର୍ଡ଼ ମେଡ଼ିକାଲ କଲେଜ ଲାହୋର୍ରୁ ଏମ୍.ବି.ବି.ଏସ୍ କରିଥିଲେ । କିଛିକାଳ ପର୍ଯ୍ୟନ୍ତ ସେ ରବ୍ୱାର ହସ୍ପିଟାଲ୍ରେ କାର୍ଯ୍ୟ କରିଥିଲେ । ଏହାପରେ ସେ ୟୁ.କେ ପାଠ ପଢିବାକୁ ଚାଲି ଆସିଲେ ଏବଂ ରୟାଲ୍ କଲେଜ ଅଫ୍ ସର୍ଜନ ଆଣ୍ଡ ଏଡ଼ିନ୍ବରାରେ 1970 ମସିହାରେ ସ୍ନାତକୋତ୍ତର କଲେ ଏବଂ ଏଫ୍. ଆର୍. ସି.ଏସ୍ କଲେ । ସେ ଜଣେ ଉତ୍ସର୍ଗୀକୃତ ସନ୍ତାନ ଥିଲେ ତେଣୁ ସେଠାରୁ ଫେରିଆସି ଫଜଲେ ଉମର୍ ହସ୍ପିଟାଲରେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରାୟ 50 ବର୍ଷ ଧରି ତାଙ୍କୁ ଫଜ୍ଲେ ଉମର ହସ୍ପିଟାଲ୍ରେ ସେବା କରିବାକୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ସେଠାରେ ସେ ନୁସ୍ରତ୍ ଯାହାଁ ଅଧୀନ କର୍ମରତ ୱାକ୍ଫିନେ ଜିନ୍ଦୀଗୀ (ଉତ୍ସର୍ଗୀକୃତ ଜୀବନ) ଡ଼ାକ୍ତରଙ୍କ ମଧରେ ସର୍ବାଧିକ କାଳ ଧରି ସେ ସେବା କରିଥିଲେ । ସମ୍ଭବତଃ ଏହାଠୁ ବି ଅଧିକ କାଳ ମିର୍ଜା ମୁନୱର୍ ସାହେବଙ୍କର ମଧ କାର୍ଯ୍ୟକାଳ ରହିଥିଲା । କିନ୍ତୁ ସେ ଯାହାହେଉ ସ୍ୱର୍ଗତ ମୁବଶ୍ଶୀର ସେହାବଙ୍କୁ 50 ବର୍ଷ ପର୍ଯ୍ୟନ୍ତ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । 1983 ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କୁ ୱକ୍ଫେ ଜଦିଦ୍ ବୋର୍ଡ଼ର ସଦସ୍ୟ ଭାବରେ ନିଯୁକ୍ତ କରିଥିଲେ ଓ ସେ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ ବୋର୍ଡ଼ର ସଦସ୍ୟ ରହିଥିଲେ ।

ସ୍ୱର୍ଗତ ମୁବଶ୍ଶୀର୍ ଅହେମଦ ସାହେବଙ୍କର ପତ୍ନୀ ଉଲ୍ଲେଖ କରନ୍ତି ଯେ, ସେ ସଂପର୍କକୁ ଭଲ ଭାବରେ ସମ୍ପାଦନ କରୁଥିଲେ । ଏଥିପ୍ରତି ସେ ଯତ୍ନବାନ ଥିଲେ । ମୋର ମନେ ନାହିଁ ଯେ, ସ୍ୱର୍ଗତ ସ୍ୱାମୀ ମୋର ପିତା, ମାତା, ଭାଇ, ଭଉଣୀ, ବନ୍ଧୁ ପ୍ରିୟଜନ, ମୋର ପିତା ମାତା ଓ ସଂପର୍କୀୟଙ୍କୁ କେବେ ସୁଖ ଦୁଃଖ ସମୟରେ ଛାଡ଼ିଥିବେ । ବରଂ ସେ ନିଜେ ଦାୟିତ୍ୱ ବହନ କରି ସଂପର୍କକୁ ଅତୁଟ ରଖିବାରେ କେବେ ବି ଆଳସ୍ୟ ପ୍ରଦର୍ଶନ କରି ନଥିଲେ । ଘରର ଯେତେ ମୁରବୀମାନେ ରହିଥିଲେ ସେମାନଙ୍କର ଚିକିତ୍ସା ତଥା ଉପଚରା କରିବାର ସୌଭାଗ୍ୟ ଏବଂ ସାମର୍ଥ୍ୟ ମଧ ସ୍ୱର୍ଗତ ସ୍ୱାମୀଙ୍କୁ ପ୍ରାପ୍ତ ହୋଇଥିଲା । ଘରମାନଙ୍କରେ ଯେଉଁ ବ୍ୟକ୍ତି ଅସୁସ୍ଥ ରହୁଥିଲେ ସେମାନଙ୍କର ରୋଗ ଏବଂ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ସେହିପରି ଅଭାବିମାନଙ୍କୁ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରୁଥିଲେ । କୌଣସି ମାଗିଲାବାଲାଙ୍କୁ କେବେ ବି ମନା କରୁ ନଥିଲେ । ସେ ଅନେକ ବାଳିକାମାନଙ୍କୁ ଶିକ୍ଷା ପ୍ରଦାନ କଲେ ଓ ବିବାହ ପର୍ଯ୍ୟନ୍ତ ସେମାନଙ୍କର ସମସ୍ତ ଖର୍ଚ୍ଚ ସ୍ୱୟଂ ବହନ କରିଥିଲେ । କେତେକ କନ୍ୟାମାନେ ମୋତେ ପତ୍ର ଲେଖିଲେ ଯେ, ସେମାନେ ଆମ ଘରେ ରହିଥିଲେ ଓ ଆପଣ (ସ୍ୱର୍ଗତ ମୁବଶ୍ଶୀର୍ ସେହେବ) ଆମକୁ ନିଜ ସନ୍ତାନ ପରି ଲାଳନ ପାଳନ କରିଥିଲେ ଏବଂ ଏହାପରେ ଆମର ବିବାହ ମଧ କରାଇଥିଲେ । ରୋଗୀମାନଙ୍କର ଫିସ୍ ମଧ ଛାଡ଼ କରି ଦେଉଥିଲେ । ଏସଂକ୍ରାନ୍ତରେ ଅନେକ ଲୋକ ମୋତେ ପତ୍ର ଲେଖିଛନ୍ତି । କେବଳ ସେତିକି ନୁହେଁ ସ୍ୱର୍ଗତ ସ୍ୱାମୀ ମହୋଦୟ ନିଜ ତରଫରୁ ରୋଗୀମାନଙ୍କୁ ଔଷଧପତ୍ର ଏବଂ ଟଙ୍କା ମଧ ଦେଇ ଦେଉଥିଲେ । ଖଲିଫାଙ୍କ ସହିତ ତାଙ୍କର ଗଭୀର ସଂପର୍କ ରହିଥିଲା । ଏଯାବତ୍ ଯେତେ ଖଲିଫା ଆସିଛନ୍ତି ସମସ୍ତଙ୍କ ସହିତ ତାଙ୍କର ସଂପର୍କ ରହିଥିଲା ଏବଂ ସମସ୍ତ ଖଲିଫାଙ୍କୁ ସେ ବହୁତ ସମ୍ମାନ ଜଣାଉଥିଲେ ଏବଂ ସନ୍ତାନମାନଙ୍କୁ ମଧ ଖଲିଫାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରୁଥିଲେ । ସେ ସ୍ୱୟଂ ଏହାକୁ କାର୍ଯ୍ୟକାରୀ କରୁଥିଲେ ଏବଂ ଅନ୍ୟମାନଙ୍କୁ ମଧ କାର୍ଯ୍ୟକାରୀ କରାଇବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ହୁଜୁର ଅନ୍ୱର୍ ଅ.ବ କହୁନ୍ତି: ସ୍ୱର୍ଗତ ମୁବଶ୍ଶୀର୍ ସାହେବ ମୋ ଠାରୁ 6 ବର୍ଷ ବଡ଼ ଥିଲେ । କିନ୍ତୁ ଖିଲାଫତ୍ ପରେ ସର୍ବଦା ମୋତେ ସମ୍ମାନ ଜଣାଉଥିଲେ । କେବଳ ସେତିକି ନୁହେଁ ମୁଁ ଯେତେବେଳେ ନାଜିରେ ଆଲା ଥିଲେ ସେତେବେଳେ ମଧ ଆପଣ ମୋ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ।

ସ୍ୱର୍ଗତ ମୁବଶ୍ଶୀର୍ ସେହେବଙ୍କ ପତ୍ନୀ ଉଲ୍ଲେଖ କରନ୍ତି ଯେ, ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ପତ୍ନୀଙ୍କ ଯେଉଁ ଶେଷ ରୋଗାବସ୍ଥା ଥିଲା ସେତେବେଳେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଫୋନ୍ ଆସିଲା କି ଡାକ୍ତର ମୁବଶ୍ଶିର୍ ସାହେବଙ୍କୁ ଶୀଘ୍ର ପଠାନ୍ତୁ । ପତ୍ନୀ କୁହନ୍ତି ଯେ, ସ୍ୱର୍ଗତ ସ୍ୱାମୀ ଉକ୍ତ ସନ୍ଦେଶକୁ ଶୁଣି ଶୀଘ୍ର ବାହାରି ପଡ଼ିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହିଲେ । ହ. ଖଲିଫତୁଲ୍ ସମହି ରାବେ ର.ଅ ସମ୍ମାନନୀୟା ହ. ଆସିଫା ବେଗମ୍ ସାହେବାଙ୍କ ବିୟୋଗ ଅନ୍ତେ କହିଥିଲେ ଯେ, ମୁବଶ୍ଶିର୍ ସାହେବ ମୋତେ ଲିଫ୍ଟ ପାଖରେ ନେବାକୁ ଆସିଲେ ତେବେ ମୁଁ ମୁବଶ୍ଶୀର୍ ସାହେବଙ୍କୁ ଦେଖିବା ମାତ୍ରେ ବୁଝିନେଲି ଯେ, (ଖଲିଫା ରାବେଙ୍କ) ପତ୍ନୀଙ୍କର ବିୟୋଗ ହୋଇଯାଇଛି । କାରଣ ମୁଁ ଜାଣିଥିଲି ଯେ, ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯଦି ଠିକ୍ ଥାଆନ୍ତା ତାହାହେଲେ ମୁବଶ୍ଶିର ସାହେବ ତାଙ୍କୁ କେବେ ବି ଏକୁଟିଆ ଛାଡ଼ି ନଥାଆନ୍ତେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ରୋଗାବସ୍ଥାରେ ମଧ ଆପଣ ଚିକିତ୍ସା ନିମନ୍ତେ ୟୁ.କେ ଯିବା ଆସିବା କରୁଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ମଧ ଏକ ସ୍ଥଳେ ନିଜ ଅସୁସ୍ଥତା ସମୟରେ ମୁବଶ୍ଶିର ସାହେବଙ୍କ ସେବା ସଂପର୍କରେ ଚର୍ଚ୍ଚା କରିଛନ୍ତି ।

ସ୍ୱର୍ଗତ ମୁବଶ୍ଶିର ସାହେବଙ୍କ ପତ୍ନୀ ଉଲ୍ଲେଖ କରନ୍ତି ଯେ, ଏକଦା ଆପଣ ବିରୁଦ୍ଧରେ କେହି ମିଥ୍ୟା ଅଭିଯୋଗ କରିଥିଲା । ତେଣୁ ଅଭିଯୋଗର ତଦନ୍ତ ନିମନ୍ତେ ଏକ କମିଟି ଗଠନ ହେଲା । ସେତେବେଳେ ମଧ ଆପଣ ଉପସ୍ଥିତ ଖଲିଫା ଏବଂ ଜମାଅତ୍ର ବ୍ୟବସ୍ଥାକୁ ସମ୍ମାନ ଜଣାଇଲେ ଏବଂ କୌଣସି ଅନୁଚିତ୍ ପ୍ରତିକ୍ରିୟା ପ୍ରଦର୍ଶନ କଲେ ନାହିଁ ଏବଂ କମିଟି ସମସ୍ତ ତଦନ୍ତ କରି ଆପଣଙ୍କୁ ସେହି ମାମଲାରେ ନିର୍ଦ୍ଦୋଷ ବୋଲି ବିବେଚିତ କଲା । ସ୍ୱର୍ଗତ ମୁବଶ୍ଶୀର୍ ସାହେବଙ୍କ ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ଚିନ୍ୟୋଟ୍ ଓ ଆଖପାଖ ଅଞ୍ଚଳରୁ କେତେକ ବିରୋଧୀମାନେ ମଧ ଲୁଚି ଛପି ଘରକୁ ଯିବା ଆସିବା କରୁଥିଲେ ଏବଂ ମୁବଶ୍ଶୀର୍

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସାହେବଙ୍କର ଅନେକ ଅଣଅହେମଦୀମାନେ ରୋଗୀ ଥିଲେ । ମୁଁ ମଧ ଜାଣେ ଯେ, ଅଞ୍ଚଳର ଅସଂଖ୍ୟ ଲୋକମାନଙ୍କର ଆପଣ ଚିକିତ୍ସା କରିଥିଲେ ଏବଂ ସେହି କାରଣରୁ ରବ୍‌ୱାର ହସ୍ପିଟାଲ ମଧ ଅଞ୍ଚଳରେ ବହୁତ ଖ୍ୟାତି ଓ ଜଣାଶୁଣା ଥିଲା ।

ହ. ମସିହ୍ ମଉଦ୍ ଅ.ସ ନିଜ ରୋଗର ଶେଷାବସ୍ଥାରେ ଔଷଧ ପାନ କରିବାରେ ଯେଉଁ ଚାମଚ ବ୍ୟବହାର କରିଥିଲେ ତାହା ଏକ ଛୋଟିଆ ଚାମଚ ଥିଲା । ହ. ଅମ୍ମା ଜାନ୍ ର.ଅ ହ. ଉମ୍ମେ ନାସିର୍ ସାହେବଙ୍କୁ ଏହା କହି ଉକ୍ତ ଚାମଚ ଦେଇଥିଲେ ଯେ, ଯେଉଁ ପୁତ୍ର ଡାକ୍ତର ହେବ ତା'କୁ ଉକ୍ତ ଚାମଚ ପ୍ରଦାନ କରିବ । ତେଣୁ ସେହି ଚାମଚ ଆପଣଙ୍କ ପିତାଶ୍ରୀ ସ୍ୱର୍ଗତ ଡାକ୍ତର ମୁନଓ୍ୱର୍ ଅହେମଦ ସାହେବଙ୍କୁ ପ୍ରାପ୍ତ ହେଲା ଓ ଏହାପରେ ସେହି ଚାମଚ ଆପଣଙ୍କ ନିକଟରେ ରହିଥିଲା । ବେଳେବେଳେ ଡାକ୍ତର ମୁବଶ୍ଶୀର ସାହେବ ନିଜର ରୋଗୀମାନଙ୍କୁ କଲ୍ୟାଣ ସକାଶେ ଉକ୍ତ ଚାମଚ ମାଧ୍ୟମରେ ଔଷଧ ପାନ କରାଇ ଦେଉଥିଲେ । ସ୍ୱର୍ଗତ ମୁବଶ୍ଶୀର ସାହେବଙ୍କ ମୃତ୍ୟୁ ଯୋଗୁଁ ପ୍ରତ୍ୟେକ ସ୍ତରର ଅନେକ ଲୋକମାନେ ଶୋକ ପ୍ରକାଶ କରିଥିଲେ । କାରଣ ମିଆଁ ସାହେବ ଆମ ଉପରେ ଅନେକ ଉପକାର କରିଥିଲେ । ସେ ଜଣେ ପୋରପକାରୀ ବ୍ୟକ୍ତି ଅଟନ୍ତି । ସେ କୌଣସି ରୋଗୀର କିପରି ଚିକିତ୍ସା କରିଥିଲେ ଓ କୌଣସି ରୋଗୀର କିପରି ଅନ୍ୟ ଢଙ୍ଗରେ ସେବା ଯତ୍ନ କରିଥିଲେ । ଅନେକ ଅଞ୍ଚଳର ଜମିଦାରମାନେ ଅଛନ୍ତି ସେମାନଙ୍କର ପତ୍ନିମାନେ ଅଛନ୍ତି, ସେମାନଙ୍କର ଭଉଣୀମାନେ ଚିକିତ୍ସା ନିମନ୍ତେ ମୁବଶ୍ଶୀର୍ ସାହେବ ପାଖକୁ ଆସୁଥିଲେ । ଜମିଦାରମାନେ ଆସି ଏହା ବ୍ୟକ୍ତ କଲେ ଯେ, ସ୍ୱର୍ଗତ ମୁବଶ୍ଶୀର ସାହେବ କିପରି ସେମାନଙ୍କର ସେବା କରିଥିଲେ ଓ କିପରି ସେମାନଙ୍କର ଯତ୍ନ ନେଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି ଯେ, ଏହି ସମସ୍ତ ବ୍ୟକ୍ତିମାନେ ଅଣଅହେମଦି ଥିଲେ ଏମାନେ ମଧ ସ୍ୱର୍ଗତଙ୍କ ଅକାଳ ବିୟୋଗ ହେତୁ ମର୍ମାହତ ଏବଂ ରୋଦନ କରୁଥିଲେ କି ଆମ ମୁଣ୍ଡ ଉପରୁ ପିତାଙ୍କର ଆଶୀର୍ବାଦ ଅପସରି ଗଲା । ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି: ଆମ ହସ୍ପିଟାଲ୍‌ର ଅମଲାମାନଙ୍କର ସଂଖ୍ୟାଗରିଷ୍ଠ ମୋତେ ପତ୍ର ଲେଖିଛନ୍ତି ଯେ, ସ୍ୱର୍ଗତ ମୁବଶ୍ଶୀର୍ ଅହେମଦ ସାହେବଙ୍କ ଯୋଗୁଁ ଆମ ହସ୍ପିଟାଲ ଅନାଥ ହୋଇଗଲା ଏବଂ ସମସ୍ତେ ଶୋକ ବ୍ୟକ୍ତ କଲେ ଏବଂ ଦୁଃଖ ପ୍ରକାଶ କଲେ । ସେ ଯାହା ହେଉ ପ୍ରତ୍ୟେକଙ୍କ ସହିତ ସ୍ୱର୍ଗତ ମୁବଶ୍ଶୀର ସାହେବ ଉତ୍ତମ ବ୍ୟବହାର ଓ ସୁସଂପର୍କ ରଖିଥିଲେ । ଅଭାବି ଏବଂ ଦରିଦ୍ରମାନଙ୍କର ଯତ୍ନ ନେଇଥିଲେ । ଆଁହଜରତ ସ.ଅ କୁହନ୍ତି: "ଯନାଜାଃ ଯିବା ସମୟରେ ଯେଉଁ ବ୍ୟକ୍ତି ମୃତ ବ୍ୟକ୍ତିର ପ୍ରଶଂସା କରେ ତେବେ ସେହି ବ୍ୟକ୍ତି ସ୍ୱର୍ଗପୁରର ଅଧିକାରୀ ହୋଇଗଲା ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ଯନାଏଜ୍, ବାବ ସନାଉନ୍ନାସି ଅଲଲ୍ ମୈଇତି, ହଦିସ୍ ନଂ-1367)**

ଡାକ୍ତର ମିର୍ଜା ସୁଲତାନ୍ ଅହେମଦ ସାହେବ କୁହନ୍ତି ଯେ, ମୋ ଧାରଣା ଅନୁଯାୟୀ ଜମାଅତ୍‌ରେ ସର୍ବାଧିକ କାଳ ଚାକିରୀ କରିଥିବା ଡାକ୍ତରର ସମ୍ମାନ ପ୍ରାପ୍ତକର୍ତ୍ତା ହେଉଛନ୍ତି ସ୍ୱର୍ଗତ ମୁବଶ୍ଶୀର ଅହେମଦ ସାହେବ । ଉକ୍ତ କଥା ମୁଁ ପୂର୍ବେ ମଧ ବର୍ଣ୍ଣନା କରି ସାରିଛି । ସୁଲତାନ୍ ସାହେବ ଉଲ୍ଲେଖ କରନ୍ତି ଯେ, ଯେଉଁ ଯୁଗରେ ଆପଣ କାର୍ଯ୍ୟ ଆରମ୍ଭ କଲେ ସେହି କାଳରେ କୌଣସି ସହାୟକ କମ୍ପାଉଣ୍ଡର କିମ୍ବା ହେଲ୍‌ପର ଆଦି ହେଉ ନଥିଲେ । ସେ ନିଜେ କବାଟରେ ତାଲା ଲଗାଉଥିଲେ ଓ ନିଜେ ତାଲା ଖୋଲୁଥିଲେ । ନିଜ ରୋଗୀଙ୍କୁ ଡ଼ାକ ମାରୁଥିଲେ । ଅନ୍ୟାନ୍ୟ କାର୍ଯ୍ୟ ମଧ ସ୍ୱୟଂ ସମ୍ପାଦନ କରୁଥିଲେ । ସେ ନିଜେ ହିଁ ଅପରେଶନ ଥିଏଟରକୁ (Manage)ପରିଚାଳନା କରୁଥିଲେ । ଆନେସ୍ଥିସିୟା (Anaesthesia) ଦେଲାବାଲା କେହି ନଥିଲା । ସେ ନିଜେ ଏହି ଏସବୁ କାମ କରୁଥିଲେ ଏବଂ ତାଙ୍କୁ ହିଁ ଏହିସବୁ କାର୍ଯ୍ୟ କରିବାକୁ ପଡୁଥିଲା । ପୁନଶ୍ଚ ଧୀରେ ଧୀରେ ସେ ଷ୍ଟାଫ୍‌ମାନଙ୍କୁ ଟ୍ରେନିଂ (ପ୍ରଶିକ୍ଷଣ) ଦେଲେ ଓ ଏହାପରେ ହସ୍ପିଟାଲର ଯଥେଷ୍ଟ ଖ୍ୟାତି ହୋଇଗଲା। ସୁଲତାନ ସାହେବ କୁହନ୍ତି ଯେ, ଇନ୍‌ଫେକସନ୍ (ସଂକ୍ରମଣ) ହାର ମଧ ଅନ୍ୟ ପ୍ରାଇଭେଟ୍ ହସ୍ପିଟାଲ୍ ତୁଳନାରେ ବହୁତ କମ୍ ଥିଲା । ଅନେକ ରୋଗୀ ସଫଳ ଚିକିତ୍ସିତ ହୋଇ ହସ୍ପିଟାଲରୁ ଫେରୁଥିଲେ ଏବଂ ରୋଗୀମାନଙ୍କ ସହିତ ତାଙ୍କର ଯେଉଁ ବ୍ୟାବାହର ରହିଥିଲା ତାହା ଅନନ୍ୟ ଥିଲା । ସୁଲତାନ୍ ସାହେବ କୁହନ୍ତି, ମୁଁ ବ୍ୟକ୍ତିଗତ ଭାବବରେ ଅନେକ ଅଣଅହେମଦିମାନଙ୍କୁ ଜାଣିଛି ଯେ, ସେମାନେ ସ୍ୱର୍ଗତ ମୁବଶ୍ଶୀର ସାହେବଙ୍କୁ ବହୁତ ସମ୍ମାନ ଜଣାଉଥିଲେ ।

ଡାକ୍ତର ମୁନୀର ମୁବଶ୍ଶୀର୍ ସାହେବ ଯେକି ସରକାରୀ ହସ୍ପିଟାଲରେ ଡାକ୍ତର ଅଟନ୍ତି ସେ କୁହନ୍ତି ଯେ, ଡାକ୍ତର ମୁବଶ୍ଶୀର ସାହେବଙ୍କ ଚିକିତ୍ସା ତଥା ରୋଗୀ ସେବାର ଏକ ନାତିଦୀର୍ଘ ପରମ୍ପରା ମୁଁ ଅବଲୋକନ କରିଛି । ଏହା କେବଳ ରବ୍‌ୱାବାସୀଙ୍କ ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ରବ୍‌ୱାର ଆଖପାଖ ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ମୋର ସମସ୍ତ ଚାକିରୀ ଜୀବନ ରବ୍‌ୱାର ପୁରପଲ୍ଲୀରେ ଅତିବାହିତ ହୋଇଥିଲା । କିନ୍ତୁ ସ୍ୱର୍ଗତ ମୁବଶ୍ଶୀର ସାହେବ ସରକାରୀ ହସ୍ପିଟାଲରେ, ରବ୍‌ୱାର ଛୋଟିଆ ହସ୍ପିଟାଲ୍‌ରେ ମୁତୟନ ହୋଇଥିଲେ । ପ୍ରାୟ ପ୍ରତ୍ୟେକ ଗ୍ରାମ ଓ ସହରର ଅନେକ ଲୋକମାନେ ଆପଣଙ୍କ ପ୍ରତି ଶ୍ରଦ୍ଧା ଭାବ ରଖୁଥିବା ଅନୁଗାମୀ ଥିଲେ । ଯେପରିକି ମୁଁ କହିଲି କି ଏହି କାରଣ ରହିଛି ଯେ, ଅସଂଖ୍ୟ ଅଣଅହେମଦି ଲୋକମାନେ ସ୍ୱର୍ଗତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ନିମନ୍ତେ ଆସିଥିଲେ ।

ଡାକ୍ତର ନୁରୀ ସାହେବ ଉଲ୍ଲେଖ କରନ୍ତି ଯେ, ରବ୍‌ୱାରେ ଜଣେ ରୋଗୀ ଏକୁଟିଆ ରହୁଥିଲେ ସେ ମୁବଶ୍ଶୀର ସାହେବଙ୍କର ଛବି ନିଜ ଗୃହରେ ଟଙ୍ଗେଇ ଥିଲେ। ଡାକ୍ତର ନୁରୀ ସାହେବ ତାଙ୍କୁ ଦେଖିବାକୁ ଯେତେବେଳେ ଗଲେ ସେତେବେଳେ ସେ ଡାକ୍ତର ମୁବଶ୍ଶୀର ସାହେବଙ୍କର ବହୁତ ପ୍ରଶଂସା କଲେ ଏବଂ ସମ୍ମାନର ସହିତ ସେହି ରୋଗୀ ଜଣକ କହିଲେ ଯେ, ଡାକ୍ତର ମୁବଶ୍ଶୀର ସାହେବ ବହୁବାର ମୋ ଘରକୁ ଆସୁଥିଲେ ଓ ମୋତେ ଭଲ ମନ୍ଦ ଏବଂ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ଅଲ୍ଲାଃତାଲା ତାଙ୍କୁ ସକୁଶଳ ରଖନ୍ତୁ । ସେତେବେଳେ ଡାକ୍ତର ମୁବଶ୍ଶୀର ସାହେବ ଜୀବିତ ଥିଲେ । ଡାକ୍ତର ମୁବଶ୍ଶୀର୍ ସାହେବଙ୍କର ନିଷ୍ଠାପୂର୍ଣ୍ଣ ତଥା ନିଃସ୍ୱାର୍ଥପୂର୍ଣ୍ଣ ବିଶେଷ ସେବା ଏବଂ ରୋଗୀମାନଙ୍କର ଆବେଗ ଜନିତ ପତ୍ର ଏତେ ସଂଖ୍ୟାରେ ରହିଛି ଯେ, ମୋ ପାକ୍ଷେ ତାହା ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଖିଲାଫତ୍ ସହିତ ମଧ ଅସାଧାରଣ ବିଶ୍ୱସ୍ତତାର ସଂପର୍କ ଥିଲା । ଯେପରିକି ପୂର୍ବେ ମଧ ମୁଁ ଚର୍ଚ୍ଚା କରି ସାରିଛି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ନିଜର ପ୍ରିୟଜନଙ୍କ ମଧ୍ୟରେ ସ୍ଥାନ ପ୍ରଦାନ କରନ୍ତୁ । **ଆମିନ୍** ।

**ତୃତୀୟ ଯନାଜାଃ** ଯାହାକି ଯନାଜାଃ ଗାଏବ୍ ଅଟେ ସେ ହେଉଛନ୍ତି ସମ୍ମାନନୀୟା ସୟେଦା ଅମତୁଲ୍ ବାସିତ୍ ସାହେବା । ସ୍ୱର୍ଗତା ଇସ୍‌ଲାମାବାଦ ଜିଲ୍ଲା ଅନ୍ତର୍ଗତ ମେହମୁଦ୍ ଅହେମଦ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନ ତାଙ୍କର ବିୟୋଗ ହୋଇଯାଇଥିଲା । اناللهوانااليهراجعون । ଡାକ୍ତର ସୟେଦ୍ ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବଙ୍କର ସ୍ୱର୍ଗତା ପୌତ୍ରୀ ଥିଲେ ଓ ସମ୍ମାନନୀୟ ସୟେଦ ଅବ୍‌ଦୁର୍ ରଜାକ୍ ଶାହ ସାହେବଙ୍କର ସୁପୁତ୍ରୀ ଥିଲେ । ହ. ଉମ୍ମେ ତାହିର ର.ଅଙ୍କ ଆପଣ ପୁତୁରୀ ଥିଲେ । ସ୍ୱର୍ଗତାଙ୍କ ପିତାଶ୍ରୀ ଅବ୍‌ଦୁର୍ ରଜ୍ଜାକ୍ ଶାହ୍ ସାହେବ ପ୍ରଥମ ଆଇରିଶ୍ ଅହେମଦି ମହିଳା ହନିଫା ସାହେବ ଯାହାଙ୍କର ପୂର୍ବ ନାମ କ୍ୟାଥ୍ରିନ ଓବ୍‌ରାଏନ୍ (Catherin O Brien) ଥିଲା ତାଙ୍କ ସହିତ ବିବାହ କରିଥିଲେ ଏବଂ ଏହି ବିବାହ 1945 ମସିହାରେ ନେରୋବୀ କେନିୟାରେ ହୋଇଥିଲା । ପୁନଶ୍ଚ ତାଙ୍କର ଏହି ମାତାଶ୍ରୀ ପାକିସ୍ତାନ ମଧ ଆସିଗଲେ ଏବଂ ପାକିସ୍ତାନରେ ଶାହ୍ ସାହେବ ସିନ୍ଧ ଠାରେ ମୁତୟନ ହୋଇଥିଲେ ଏବଂ ସେଠାରେ ସେହି ଛୋଟିଆ ଗ୍ରାମରେ ସେ ଆଇରିଶ୍ ମହିଳା ହେବା ସତ୍ତ୍ୱେ ବହୁତ ବଡ଼ ବଳିଦାନ ଦେଇଥିଲେ । ଜୀବନ ଯାପନ କରିଥିଲ ଓ ତାଙ୍କର ସନ୍ତାନମାନେ ମଧ ବହୁତ ବଡ଼ ବଳିଦାନକାରୀ ସନ୍ତାନ ଥିଲେ । ତନ୍ମଧ୍ୟରେ ଜଣେ କନ୍ୟା ସନ୍ତାନ ଅଟନ୍ତି, ତାଙ୍କର ନାମ ହେଲା ଅମତୁଲ୍ ବାସିତ୍ ସାହେବା ।

ତାଙ୍କର ସ୍ୱାମୀ ସୟେଦ୍ ମେହମୁଦ୍ ଶାହ୍ ସାହେବ କୁହନ୍ତି ଯେ, ନମାଜ ନିୟମିତ ଭାବରେ ପାଠ କରୁଥିଲେ । ବିଶେଷ କରି ନମାଜ ତେହଜ୍ଜୁଦ୍ ନିୟମିତ ଭାବରେ ପାଠ କରୁଥିଲେ । ବାଲ୍ୟ କାଳରୁ ହିଁ ନମାଜେ ତେହଜ୍ଜୁଦ୍ ନିଜର ପିତାଶ୍ରୀ ମହୋଦୟଙ୍କ ସହିତ ପାଠ କରୁଥିଲେ । ଆପଣ ଧାର୍ମିକ ନିୟମାବଳୀକୁ ପାଳନ କରୁଥିଲେ ଏବଂ ଜଣେ ଧାର୍ମିକ ମହିଳା ଥିଲେ । ସର୍ବଦା ଅଭାବି ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲେ । ପରଦାକୁ ଅତ୍ୟନ୍ତ କଠୋରତାର ସହିତ ପାଳନ କରୁଥିଲେ। ସ୍ୱର୍ଗତା ବାସିତ୍ ସାହେବା ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଏକ କନ୍ୟା ସନ୍ତାନ ଓ ଦୁଇ ଜଣ ପୁତ୍ର ସନ୍ତାନ ଅଛନ୍ତି। ତାଙ୍କର ଏକ ପୁତ୍ର ସୟେଦ ବିଶୀର୍ ଅହମଦ ସାହେବ ଏଠାରେ ହିଁ ରହନ୍ତି ଓ ଆଉ ଜଣେ ପୁତ୍ର ସୟେଦ୍ ଶାହିଦ୍ ଅହେମଦ ଅଟନ୍ତି । ତାଙ୍କର ଏକମାତ୍ର କନ୍ୟା ଆମେରିକାରେ ରୁହନ୍ତି । ତାଙ୍କର କନ୍ୟାଙ୍କର ନାମ ହେଲା ମଜିଦା ମଲକ୍ ସାହେବା ଯେକି ଆମେରିକାର ଡାକ୍ତର ଆମିର୍ ମାଲିକ୍ ସାହେବଙ୍କର ପତ୍ନି ଥିଲେ । ସେ କୁହନ୍ତି ଯେ, ମାତାଶ୍ରୀ ସମସ୍ତଙ୍କର ପ୍ରିୟ ଓ ପ୍ରସନ୍ନ ଚିତ୍ତ ବ୍ୟକ୍ତିତ୍ୱର ଅଧିକାରୀଣୀ ଥିଲେ । ଯିଏ ଭି ତାଙ୍କୁ ସାକ୍ଷାତ୍ କରୁଥିଲା ସିଏ ତାଙ୍କର ପ୍ରଶଂସକ ହୋଇଯାଉଥିଲା। ଖିଲାଫତ ପ୍ରତି ଗଭୀର ଆନ୍ତରୀକତା ରଖୁଥିଲେ । ଅତ୍ୟନ୍ତ ସ୍ୱଚ୍ଛ ଓ ସରଳ ସ୍ୱଭାବ, ଶିଷ୍ଟାଚାରୀଣୀ ଓ ଉତ୍ତମ ଚରିତ୍ରର ଅଧିକାରୀଣୀ ମହିଳାଟିଏ ଥିଲେ । ସେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନିଜ ସମସ୍ୟା ଏବଂ ଦୁଃଖକୁ କେବେ ବି ପରିପ୍ରକାଶ କରୁ ନଥିଲେ । ଆପଣ ଅଭାବିମାନଙ୍କର ଯତ୍ନ ନେଉଥିଲେ ଓ ଦାନ ଦକ୍ଷିଣା ଏବଂ ଦାନ ଧର୍ମରେ ମଧ୍ୟ ସର୍ବାଗ୍ରେ ରହୁଥିଲେ । ଝିଅମାନଙ୍କର ବିବାହ ନମନ୍ତେ ସାହାଯ୍ୟ, ଗରିବମାନଙ୍କ ଘରେ ଦାନାପାଣି ଯୋଗାଇବା, ଅନାଥମାନଙ୍କର ଶିକ୍ଷାର ଖର୍ଚ୍ଚ ବହନ କରିବା, ଦରିଦ୍ର ବ୍ୟକ୍ତିମାନଙ୍କୁ ଆହାର ଦେବା ଇତ୍ୟାଦି ଅନେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କୁ ସାହାଯ୍ୟ କରିବା ନିମନ୍ତେ  ନିଜର ସମୟକୁ ଅତିବାହିତ କରୁଥିଲେ। ଅର୍ଥାତ୍ ସେହି ସମୟ ଦୁଆ ଆକାରରେ ହେଉ ଅବା ଦାନ ଆକାରରରେ ହେଉ। ଅଧିକାଂଶ କଥା ଈଶ୍ୱରଙ୍କୁ କେନ୍ଦ୍ର କରି ହେଉଥିଲା ଓ ଐଶୀ ସାହାଯ୍ୟର କଥା କହିବାକୁ ସେ ଭଲ ପାଉଥିଲେ । ସେ ବନ୍ଧୁତ୍ୱତା ଏପରି ଲୋକମାନଙ୍କ ସହିତ କରିଥିଲେ ଯେଉଁମାନେ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥିଲେ । ଅଲ୍ଲାଃତାଲାଙ୍କ ସହିତ ତାଙ୍କର ଏକ ବିଶେଷ ସଂପର୍କ ରହିଥିଲା । ଅଲ୍ଲାଃତାଲା ତାଙ୍କର ପ୍ରାର୍ଥନାକୁ ସ୍ୱୀକାର ମଧ୍ୟ କରୁଥିଲେ ଓ ଅଲ୍ଲାଃତାଲାଙ୍କର ଅନେକ କଥାରେ, ଅନେକ ଦୁଆ ବା ପ୍ରାର୍ଥନାର ସ୍ୱୀକୃତ ହେବା ପୂର୍ବରୁ ହିଁ ତାଙ୍କୁ ସୂଚନା ପ୍ରଦାନ କରି ଦିଆଯାଉଥିଲା । ସେ ଅତ୍ୟନ୍ତ ଅସୁସ୍ଥତାରେ ମଧ୍ୟ ନମାଜ ପରିତ୍ୟାଗ କଲା ନାହିଁ ଏବଂ ତାଙ୍କର ଦୃଷ୍ଟି ସର୍ବଦା ଘଣ୍ଟା ଉପରେ ରହୁଥିଲା । କାରଣ ନମାଜ୍ ଯେପରି ତାଙ୍କର ଛାଡ଼ି ନଯାଉ। ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ମୃତକାଙ୍କର ପୁଣ୍ୟାବଳୀକୁ ମଧ୍ୟ ଅବ୍ୟାହତ ରଖିବା ନିମନ୍ତେ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

**ଚତୁର୍ଥ ଯନାଜାଃ ଗାଏବ୍** ହେଲା ସମ୍ମାନନୀୟ ସ୍ୱର୍ଗତ ଶରୀଫ୍ ଅହେମଦ ବନ୍ଦେଶା ସାହେବଙ୍କର । ଆପଣ ପାକିସ୍ତାନର ଚକ୍ ନଂ-261 ବେ ଅଧୁୱାଲୀ ଫୈସ୍‌ଲାବାଦର ସଦର୍ ଜମାଅତ୍ (ଜମାଅତ୍‌ର ସାଭାପତି) ଥିଲେ । ତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଥିଲା । انا لله وانا اليه راجعون । ତାଙ୍କର ସୁପୁତ୍ର ରହେମତୁଲ୍ଲାଃ ବନ୍ଦେଶା ସାହେବ ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ସେ ବର୍ଣ୍ଣନା କରନ୍ତି ଯେ, ଆମର ଦଦା (ଜେଜେ ବାପା) ଦୁଇ ତିନି ମାସର ଥିଲେ କି ତାଙ୍କର ଅଭିଭାବକ ଏବଂ ଅନ୍ୟ ସମସ୍ତ ନିକଟ ସଂପର୍କୀୟ ପ୍ରିୟଜନମାନେ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ତାଉନ୍ ବ୍ୟାଧିରେ ମୃତ୍ୟୁବରଣ କରିଥିଲେ । ସେତେବେଳେ ଦଦାଙ୍କର ଜଣେ ଦୂରର ସଂପର୍କୀୟ ଅହେମଦି ପରିବାର ପ୍ରାରମ୍ଭିକ କାଳରେ ତାଙ୍କର ଲାଳନ ପାଳନ କରିଥିଲା । ପରେ ବଟାଲା ତହସିଲ୍‌ର ଜଣେ କାଜିର ବିଚାର ଅନୁଯାୟୀ ଆଉ ଜଣେ ଅଧିକ ନିକଟବର୍ତ୍ତୀ ଅହେମଦି ପରିବାରରେ ଆପଣ ଲାଳିତ ପାଳିତ ହୋଇଥିଲେ । ଏହିପରି ଭାବରେ ସେ ପ୍ରାରମ୍ଭରେ ହିଁ ଅହେମଦି ପରିବେଶରେ ଲାଳିତ ପାଳିତ ହୋଇ ଜମାଅତରେ ସାମିଲ୍ ହେଲେ । ସ୍ୱର୍ଗତ ଶରୀଫ୍ ଅହମଦ୍ ସାହେବ ଦୀର୍ଘ 25 ବର୍ଷ କାଳ ପର୍ଯ୍ୟନ୍ତ ଗ୍ରାମରେ ସଦର ଜମାଅତ୍ ରହିଥିଲେ। ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ ଏବଂ ଜଣେ ସାଧୁ ସ୍ୱଭାବର ବ୍ୟକ୍ତି ଥିଲେ । ଉପାସନାରେ ଉଚ୍ଚ ସ୍ତରର ଅଧିକାରୀ ଥିଲେ, ନିଃସହାୟ ଓ ବିଶେଷ କରି ସଂପର୍କୀୟ ଓ ପରିଜନମାନଙ୍କର ସାହାଯ୍ୟ କରୁଥିଲେ, ଜମାଅତୀୟ ବ୍ୟବସ୍ଥା, ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଶୋକ ସନ୍ତପ୍ତ ପରିବାରରେ ପାଞ୍ଚ ଜଣ ପୁତ୍ର ସନ୍ତାନ ଏବଂ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି । ହୁଜୁର ଅନ୍‌ୱର ଅ.ବ କହିଲେ, ଯେପରିକି ମୁଁ କହିଲି କି ରହେମତୁଲ୍ଲାଃ ବନ୍ଦେଶା ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ଆଜିକାଲି ଯାମିଆ ଅହେମଦିୟା ଜର୍ମାନୀରେ ଅଧ୍ୟାପକ ଭାବରେ କର୍ମରତ ଅଟନ୍ତି ଏବଂ ନିଜର ଗ୍ରାମର ବିରୋଧପୂର୍ଣ୍ଣ ପରିସ୍ଥିତି ଯୋଗୁଁ ନିଜର ପିତାଙ୍କ ଯନାଜାଃ ଓ କବର ଦେବାରେ ସାମିଲ୍ ହଇପାରିଲେ ନାହିଁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସମସ୍ତ ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଜାରି ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ, ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ଼ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ କମିଶନ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ**☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ☆ଅର୍କାନେ ଇସ୍‌ଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)** **ଦ୍ୱିତୀୟ ଭାଗ** ☆କିଶ୍‌ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍☆ଅକଏଦ୍ ଜମାଅତ୍ ଅହେମଦିୟା☆ଦୁର୍ରେ ସମିନରୁ ନଜମ୍ (ଶାନେ ଇସ୍‌ଲାମ୍) **(20 ନମ୍ବର)**ତୃତୀୟ ଭାଗ☆ ଇଂରାଜୀ  ଇଣ୍ଟର ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)** ଚତୁର୍ଥ ଭାଗ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ ସଂପର୍କିତ ପ୍ରଶ୍ନ)**(20 ନମ୍ବର) ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଉଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିଆନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ । ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିଆନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ପ୍ରାର୍ଥୀକୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ  କରିଦିଆଯିବ)

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଅନୁଷ୍ଠାନରେ ମାଳୀ/ ରୋଷେୟା/ନାନବାଇ (ରୁଟି ପ୍ରସ୍ତୁତକାରୀ)/କେୟାର୍ ଟେକର୍/ ଜଗୁଆଳୀ ବା ପ୍ରହରୀ ଆଦି ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ  !

### ଚତୁର୍ଥ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 40ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ (3) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣ ପତ୍ର ଉପସ୍ଥାପିତ କରିବା ଜରୁରୀ ଅଟେ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ହସ୍ତଗତ ହେବ ସେହି ଆବେଦନଗୁଡ଼ିକୁ ହିଁ ବିଚାରକୁ ନିଆଯିବ । (5) ସେହି ପ୍ରାର୍ଥୀମାନଙ୍କୁ ସେବା କରିବା ନିମନ୍ତେ ଚୟନ କରାଯିବ ଯେଉଁମାନେ କର୍ମଚାରୀ ଭର୍ତ୍ତି (ନିଯୁକ୍ତି) ମର୍କଜି କମିଟିର ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବେ । (6)  ଇଣ୍ଟରଭ୍ୟୁ (ସାକ୍ଷାତକାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର ହସ୍ପିଟାଲ କାଦିଆନ୍‌ରୁ ମେଡ଼ିକାର ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ । ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିଆନ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

(ନୋଟ୍: ପ୍ରାର୍ଥୀକୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ କାଦିଆନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆☆☆

## ବିଗତ ସଂଖ୍ୟା-5 ଏବଂ ପୂ ସଂଖ୍ୟା-11,12ରେ ବର୍ଣ୍ଣିତ ହୁଜୁର ଅନୱର୍ ଅ.ବଙ୍କ ଖୁତବା ଜୁମା 26 Mayର ଅବଶିଷ୍ଟାଂଶ...... ଅବଶିଷ୍ଟାଂଶ.....

କିନ୍ତୁ ଜଣେ ଦିବ୍ୟ ପୁରୁଷ ମୋତେ ଉଦ୍ଧାର କରିବା ନିମନ୍ତେ ଆସିଲେ । ସେ ଲମ୍ବା ବସ୍ତ୍ର ପରିଧାନ କରିଥିଲେ ଏବଂ ଏକ ଆଶାବାଡ଼ି ଧରିଥିଲେ । ପ୍ରତ୍ୟୁତ୍ତରରେ ମୁବଲ୍ଲିଗ୍ ସାହେବ ତାଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଏକ ଛବି ଦେଖାଇଲେ ଯହିଁରେ ଆପଣ ଅ.ସ ଏକ ଆଶାବାଡ଼ି ଧରିଥିଲେ । ଉକ୍ତ ବ୍ୟକ୍ତି ଜଣକ ଥରହର ହୋଇ କହିଲା କି ଆଜ୍ଞା ଏ ହେଉଛନ୍ତି ସେହି ଦିବ୍ୟ ପୁରୁଷ ଯିଏ ସ୍ୱପ୍ନରେ ମୋତେ ନିଜର ଲାଠି ଦ୍ୱାରା ଭଉଁରୀରୁ ଉଦ୍ଧାର କରିଥିଲେ । ସେହିପରି ତାଙ୍କର ସୁପତ୍ର ମଧ ସ୍ୱପ୍ନ ଦେଖିଲା । ହୁଜୁର ଅନ୍ୱର ଅ.ବ କହିଲେ, ବର୍ତ୍ତମାନ କେବଳ ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କୁ ଦେଖିଲେ ନାହିଁ ବରଂ ତାଙ୍କର ସୁପୁତ୍ର ମଧ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱପ୍ନରେ ଦର୍ଶନ କଲେ ଏବଂ ଅନେକ ଲୋକମାନଙ୍କୁ ଏହିପରି ଶେର୍ୱାନୀ ବସ୍ତ୍ର ପରିଧାନ କରିଥିବାର ଅବଲୋକନ କରିଥିଲେ । ତନ୍ମଧ୍ୟରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ମଧ ଥିଲେ , ଖଲିଫା ରାବେ ମଧ ଥିଲେ ଏବଂ ମୁଁ (ହ. ଖଲିଫତୁଲ୍ ମସିହ୍ ଖାମିସ୍) ମଧ ଥିଲେ । ସେ କହିଲା ଏହି ସମସ୍ତ ଖଲିଫମାନଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି । ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସେହି ସମସ୍ତଙ୍କୁ ଏକତ୍ରିତ କରି ଦେଖାଇଲେ ଯେ, ଖିଲାଫତ୍‌ର ବ୍ୟବସ୍ଥା ଯାହାକି ହ. ମସିହ୍ ମଉଦ୍ ଅ.ସଙ୍କ ପରେ ଏକ ବ୍ୟବସ୍ଥା ଯାହାକି ଅହରହ ଭାବରେ ସ୍ଥାପିତ ହୋଇଅଛି । ସେ ଯାହା ହେଉ ସେହି ସ୍ୱପ୍ନ ପରେ ସେହି ପରିବାର ବୈଅତ୍ କରିନେଲା । ଯଦି ପ୍ରକୃତ ସ୍ପୃହା ରୁହେ ତାହାହେଲେ ଅଲ୍ଲାଃତାଲା ମାର୍ଗଦର୍ଶନ ମଧ କରନ୍ତି ।

ପୁନଶ୍ଚ ଇଣ୍ଡୋନେସିଆର ଦକ୍ଷିଣ ଜିଲ୍ଲାର ଏକ ସ୍ଥାନ ରହିଛି ବାରୁ (Barru)। ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଏକଦା ଆମର ମୁବଲ୍ଲିଗ୍ ସାହେବ ମସ୍‌ଜିଦରେ ନମାଜେ ଫଜର୍ ପାଠ କରାଉଥିଲେ କି ଜଣେ ବ୍ୟକ୍ତି ଜମାଅତ୍‌ରେ ସାମିଲ୍ ହେବା ନିମନ୍ତେ ଆସିଲା । ସେ କହିଲା, ମୁଁ ଅନ୍ୟ ସ୍ଥାନରୁ ଏଠାକୁ ନିଜ ପତ୍ନିଙ୍କ ପରିଜନମାନଙ୍କୁ ଭେଟିବାକୁ ଆସିଥିଲି । ବାର୍ତ୍ତାଳାପ ସମୟରେ ସେ ନିଜର ଅତୀତ ଜୀବନର ଅନୁଭୂତି ସଂପର୍କରେ ବଖାଣିଲା ଯାହାକି ସମସ୍ୟା ଏବଂ ଜଞ୍ଜାଳଗ୍ରସ୍ତ ଥିଲା । ସେ କହିଲା କି ଏକଦା କଠିନ ପରିସ୍ଥିତରେ ସେ ସ୍ୱପ୍ନରେ ଦେଖିଲା ଯେ, ଧଳା ପଗଡ଼ି ଓ ଦାଢ଼ିଥିବା ଜଣେ ଦିବ୍ୟ ପୁରୁଷଙ୍କ ସହିତ ଭେଟ ହେଲା । ସ୍ୱପ୍ନରେ ଧଳା ପଗଡ଼ି ପରିଧାନ କରିଥିବା ଦିବ୍ୟ ପୁରୁଷ ଜଣକ ଉକ୍ତ ବ୍ୟକ୍ତିକୁ କହିଲେ ଯେ, ଚାଳିଶ ଦିନ ପର୍ଯ୍ୟନ୍ତ ନମାଜ ଫଜରରେ ସଦକା (ଦାନ) କୋଠରୀରେ ସଦକା (ଅର୍ଥାତ୍ ତସବିହ୍ ଓ ତେହମିଦ୍) କରୁଥାଅ ଏହା ଦ୍ୱାରା ଅସୁବିଧା ଦୂର ହୋଇଯିବ । ସେହି ବ୍ୟକ୍ତି ଜଣକ ଏହିପରି କଲେ ଯେପରି ସ୍ୱପ୍ନରେ ତାଙ୍କୁ କରିବାକୁ କୁହାଯାଇଥିଲା। ସେ କହିଲା 20 ଦିନରେ ତା'ର ସମସ୍ତ ସମସ୍ୟା ଦୂରୀଭୂତ ହେବାକୁ ଲାଗିଲା। ନାନା ଚାକିରୀ ଓ ସୁବୁଧି ମିଳିବାକୁ ଲାଗିଲା । ସେ କହିଲା ପ୍ରାୟ ତିନି ମାସ ପୂର୍ବେ ଧଳା ପଗଡ଼ି ଓ ଧଳା ଦାଢ଼ି ଥିବା ବ୍ୟକ୍ତି ପୁନଃ ସ୍ୱପ୍ନରେ ଦର୍ଶନ ଦେଲେ ଏବଂ ଫଳ ନେବା ନିମନ୍ତେ ତା'କୁ ପର୍ବତ ଉପରକୁ ନେଇଗଲେ ଓ କହିଲେ, ବସ୍! ଉକ୍ତ ସ୍ୱପ୍ନ କେବଳ ସେହି ବ୍ୟକ୍ତିମାନଙ୍କୁ କୁହାଯାଏ ଯେଉଁମାନେ ନିଜ ମଧ୍ୟରେ ଧର୍ମପରାୟଣତାର ଲକ୍ଷଣ ପ୍ରକାଶିତ କରନ୍ତି । ଏହାପରେ ମୁବଲ୍ଲିଗ୍ ସାହେବ ତାଙ୍କୁ ଖଲିଫମାନଙ୍କର ଛବି ଦେଖାଇଲେ । ତେବେ ଉକ୍ତ ବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ଚକିତ ହୋଇ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଛବି ଆଡ଼କୁ ଇଙ୍ଗିତ କରି କହିଲା କି ମୁଁ ଏହି ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖିଅଛି । ସୁତରାଂ ଉକ୍ତ ବ୍ୟକ୍ତି ଜଣକ ବୈଅତ୍ କରି ଅହେମଦିୟରେ ସାମିଲ୍ ହେଲା ।

ସେହିପରି ମାଲି ଅଞ୍ଚଳର ଜଣେ ମହିଳା ଅଟନ୍ତି, ଯାହାଙ୍କ ନାମ ହେଲା ସିରାଜ୍ ସାହେବା । ତାଙ୍କ ସଂପର୍କରେ ସ୍ଥାନୀୟ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଉକ୍ତ ମହିଳା ଜଣକ ଅତ୍ୟନ୍ତ ନୈଷ୍ଠିକା ମହିଳା ଅଟନ୍ତି । ଆଖପାଖ ଗ୍ରାମରେ ଯେଉଁଠି ବି ତବ୍‌ଲିଗି କାର୍ଯ୍ୟକ୍ରମ ଶୁଣନ୍ତି ସେ ନିଜର ସନ୍ତାନମାନଙ୍କୁ କୁହନ୍ତି ଯେ, ମୋତେ ସାଇକେଲ୍‌ରେ ବସାଇ ସେଠାକୁ ନେଇଚାଲ । ସେ କୁହନ୍ତି: ଅହେମଦି ହେବା ପୂର୍ବରୁ ସେ ଦୁଇଟି ସ୍ୱର୍ ଶୁଣିଥିଲେ । ପ୍ରଥମ ସ୍ୱର ମୁଁ (ହୁଜୁର ଅନ୍ୱର୍ ଅ.ବଙ୍କ) ଯେତେବେଳେ ଖୁତ୍‌ବାରେ ତଶହୁଦ୍, ତାଉଜ୍ ଓ ସୁରାଃ ଫାତିହା ମୁଁ ଯେତେବେଳେ ପାଠ କରିଥାଏ । ସେହି ତିଲାୱତ୍‌ର ସ୍ୱର ଓ ଦ୍ୱିତୀୟତଃ ସେଠାକାର ମୁବଲ୍ଲିଗ୍ ସାହେବ ଯାହାଙ୍କ ନାମ ହେଲା ମୁଆଜ୍ ସାହେବ ତାଙ୍କ ତବ୍‌ଲିଗର ସ୍ୱର । ମହିଳା ଜଣକ କୁହନ୍ତି ଯେ, ମୁଁ ବହୁତ ଚିନ୍ତିତ ଏବଂ ବ୍ୟସ୍ତ ବିବ୍ରତ ହୋଇ ପଡ଼ୁଥିଲି ଯେ,ଏହି ସ୍ୱର ମୋତେ ଯେଉଁ ସ୍ୱପ୍ନରେ ହେଉଛି ତାହା କାହାର ? ବର୍ତ୍ତମାନ ଯେତେବେଳେ ଜମାଅତ୍‌ର ରେଡ଼ିଓ କାର୍ଯ୍ୟକ୍ରମ ଆରମ୍ଭ ହେଲା ସେତେବେଳେ ସେ ରେଡ଼ିଓରେ ମୋର ଖୁତ୍‌ବା ଶୁଣିଲେ, ତିଲାୱତ୍ ଶୁଣିଲେ ଏବଂ ଅନ୍ୟ ତବ୍‌ଲିଗି କାର୍ଯ୍ୟକ୍ରମ ଶୁଣିଲେ । ଏହାପରେ ସେ କହିବାକୁ ଲାଗିଲେ ଯେ, ଏହି ସ୍ୱର ତ' ସେହି ସ୍ୱର ଅଟେ ଯାହାକୁ ମୁଁ ସ୍ୱପ୍ନରେ ଶୁଣୁଥିଲି । ସୁତରାଂ ଏହି କଥା ହିଁ ତାଙ୍କର ଅହେମଦିୟତ୍ ସ୍ୱୀକାର କରିବାର କାରଣ ସାଜିଲା ।

ସେହିପରି କ୍ୟାମରୁନ୍ ନାମକ ଏକ ଦେଶ ରହିଛି ସେଠାର ମଧ ଏକ ରିପୋର୍ଟ ରହିଛି । ଅବ୍‌ଦୁର୍ ରହେମାନ ସାହେବ ନାମକ ଜଣେ ଯୁବକ ନିଜ ଅହେମଦି ହେବାର ଘଟଣା ବର୍ଣ୍ଣନା କରି କୁହନ୍ତି: କିଛି ବର୍ଷ ପୂର୍ବେ ମୁଁ ସ୍ୱପ୍ନରେ ଦୁଇ ଜଣ ପୁରୁଷଙ୍କୁ ଦେଖିଥିଲି । ତନ୍ମଧ୍ୟରୁ ଜଣେ ପୁରୁଷ ମୋତେ ପଚାରିଲେ ଯେ, ତୁମେ କ'ଣ କରୁଛ ? ମୁଁ ଉତ୍ତର ଦେଲି ଯେ, ମୁଁ ସହରରେ ମୋଟର ସାଇକେଲ ଚଳାଇ ବାହାନଗୁଡ଼ିକୁ ଉଠାଉଛି ଓ ଏହିପରି ମୁଁ ନିଜର ଭରଣ ପୋଷଣ କରୁଛି । ପୁନଶ୍ଚ ଦ୍ୱିତୀୟ ବ୍ୟକ୍ତି ଜଣକ ଉକ୍ତ ବ୍ୟକ୍ତିଙ୍କୁ କହିଲେ କି ବସ୍ ! ତୁମେ ମୋଟର ସାଇକେଲ ଛାଡ଼ିଦିଅ ଓ ଏଠାକୁ ନମାଜ ପାଠ କରାଅ । ସୁତରାଂ ମୁଁ ନମାଜ ପାଠ କରାଇଲି ଓ ଏହାପରେ ମୋ ଆଖି ଫିଟିଗଲା । ସେ କୁହନ୍ତି ଯେ, କିଛି ଦିନ ଗଲାପରେ ମୁଁ ବଜାରରେ ଜଣେ ଯୁବକଙ୍କୁ ଦେଖିଲି ଯିଏ ପାମ୍ଫ୍ଲେଟ ବାଣ୍ଟୁ ଥିଲେ ଓ ସେହି ପାମ୍ଫ୍ଲେଟ୍ ଜମାଅତ୍ ଅହେମଦିୟାର ଥିଲା । ମୁଁ ଘରେ ଆସି ଧ୍ୟାନ ପୂର୍ବକ ପାମ୍ଫ୍ଲେଟ୍‌କୁ ଦେଖିଲି ଓ ପାଠ କଲି ତେବେ ଉକ୍ତ ପାମ୍ଫ୍ଲେଟ ଉପରେ ମୁଁ ଜଣେ ପୁରୁଷଙ୍କର ଛବି ଦେଖିଲି । ସେହି ଛବି ହ. ମସିହ୍ ମଉଦ ଅ.ସଙ୍କର ଛବି ଥିଲା ଯାହାକୁ ମୁଁ ସ୍ୱପ୍ନରେ ଦେଖିଥିଲି ଏହାପରେ ମୁଁ ଜମାଅତ୍ ସହିତ ଯୋଗାଯୋଗ କରିବାକୁ ଉଦ୍ୟମ କଲି ଓ ମୁଅଲ୍ଲିମ୍ ସାହେବଙ୍କ ସହିତ ତାଙ୍କର ଅତିରିକ୍ତ ଯୋଗାଯୋଗ ହେଲା । ଉକ୍ତ ବ୍ୟକ୍ତି ଜଣକ ଅତିରିକ୍ତ ଲିଟ୍ରେଚଲ ପ୍ରାପ୍ତ କଲେ ଏବଂ ଅନ୍ୟ ଯେଉଁ ବ୍ୟକ୍ତିଙ୍କୁ ସେ ସ୍ୱପ୍ନରେ ଦେଖିଥିଲେ ସେହି ଛବି ତାଙ୍କୁ ଲିଟ୍ରେଚର ପୁସ୍ତକରେ ଦୃଶ୍ୟମାନ ହୋଇଗଲା ଏବଂ ସେହି ଛବି ମୋର (ଅର୍ଥାତ ହୁଜୁର ଅନ୍ୱର୍ ଅ.ବଙ୍କର)ଟି ମୋର ଥିଲା । ଯୁବକ ଜଣକ କୁହନ୍ତି ଯେ, ମୁଁ ନାଁ ଶୁଣିଥିଲି କିନ୍ତୁ ମୋତେ ଅଧିକ ଜ୍ଞାନ ନଥିଲା । କିନ୍ତୁ ସ୍ୱପ୍ନରେ ଯେଉଁ ବ୍ୟକ୍ତି ମୋତେ ନମାଜ ପାଠ କରାଇବା ପାଇ କହିଥିଲେ ସେ ଜମାଅତ୍‌ର ଉପସ୍ଥିତ ଖଲିଫା ଥିଲେ ଓ ତାଙ୍କର (ହୁଜୁର ଅନ୍ୱର ଅ.ବଙ୍କର) ସ୍ୱପ୍ନରେ ନମାଜ ପାଇଁ ଡାକିବା ଓ ନମାଜ ପାଠ କରିବାର କଲ୍ୟାଣ ଥିଲା ଯେ, ବିଗତ ବର୍ଷ ଆମ ଗ୍ରାମରେ ଗ୍ରାମ ମୁଖ୍ୟଙ୍କର ବିୟୋଗ ହୋଇଗଲା ଏବଂ ଦୈବାତ୍ ତାଙ୍କର କୌଣସି ସନ୍ତାନ ନଥିଲା । ସେହି କାରଣରୁ ତାଙ୍କ ଓସିୟତ୍ ଅନୁଯାୟୀ ମୋତେ ଗ୍ରାମ ମୁଖ୍ୟ କରି ନିଆଗଲା ଓ ମୋତେ ସମ୍ମାନ ପ୍ରଦାନ କରାଗଲା । ସେ କୁହନ୍ତି ମୁଁ ଭାବୁଛି ଯେ, ଏହି ସମ୍ମାନ ମୋତେ ଜମାଅତ୍ ଯୋଗୁଁ ହିଁ ପ୍ରାପ୍ତ ହୋଇଛି । ପୁନଶ୍ଚ ଗିନି ବସାଓ ଦେଶର ଏକ ଘଟଣା ରିହିଛି । ସେଠାକାର ମୁବଲ୍ଲିଗ୍ ଇନଚାର୍ଜ ସାହେବ କୁହନ୍ତି: ସେଠାକାର ଜଣେ ମହିଳେ ଅଟନ୍ତି ଯାହାଙ୍କର ନାମ ହେଲା ଆଏଶା ମାରିୟା ସାହେବା । ତାଙ୍କର ଦୁଇ ପୁତ୍ର ଅହେମଦିୟତ୍ ଯେତେବେଳେ ସ୍ୱୀକାର କଲେ ସେତେବେଳେ ଆଏଶା ସାହେବାଙ୍କର ଜ୍ୟେଷ୍ଠ ଭ୍ରାତା ଯେକି ଜମାଅତ୍‌ର ବିରୋଧୀ ଅଟନ୍ତି ସେ ହିଁ ନିଜର ଭଉଣୀ ଆଏଶା ଓ ତାଙ୍କର ପରିବାରକୁ ସମ୍ଭାଳନ୍ତି ଏବଂ ଖାଦ୍ୟ ପେୟ ପଦାର୍ଥ ମଧ ନେଇ ଦିଅନ୍ତି। ସେ ନିଜ ଭଉଣୀକୁ ଫୋନ୍ କଲେ ଏବଂ ଧମକ ଦେଲେ ଯେ, ଯଦି ତୁମର ପୁତ୍ରମାନେ ଅହେମଦିୟତ୍ ନଛାଡ଼ନ୍ତି ତାହାହେଲେ ମୁଁ ତୁମମାନଙ୍କୁ ସାହାଯ୍ୟ କରିବା ବନ୍ଦ କରିଦେବି ଓ ତୁମମାନଙ୍କ ସହିତ ମୋର ଆଉ କୌଣସି ସଂପର୍କ ରହିବ ନାହିଁ । (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ..)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍ୱଲହୁ** ପଢ଼ିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

## ପୃ-2ରେ ବର୍ଣ୍ଣିତ ହୁଜୁର ଅନୱର୍ ଅ.ବଙ୍କ ଉଦ୍‌ଯାପନୀ ଅଭିଭାଷଣର ଅବଶିଷ୍ଟାଂଶ.....

ଯୁଗରେ ମୁଁ (ଅର୍ଥାତ ହ. ମସିହ୍ ମଉଦ୍ ଅ.ସ) । ଅତଏବ ସାମଞ୍ଜସ୍ୟ ବା ସମାନତାରୁ ଏହା ପ୍ରମାଣିତ ହେଲା ଯେ, ହ. ମୁସା ଅ.ସଙ୍କୁ ଅଲ୍ଲାଃତାଲା ଫିରଔନ୍ ଓ ତା'ର ସୈନ୍ୟ ସାମନ୍ତଙ୍କ ଉପରେ ବିଜୟ ପ୍ରଦାନ କରିଥିଲେ ଠିକ୍ ସେହିପରି ଆଁହଜରତ ସ.ଅଙ୍କ ସମୟରେ ଅବୁ ଜହଲ୍ ଯେକି ଫିରଔନ୍ ଥିଲା ତା'ର ସୈନ୍ୟ ବାହିନୀ ଉପରେ ବିଜୟ ପ୍ରଦାନ କଲେ ଓ ସେମାନଙ୍କର ସଂହାର କରି ଇସ୍‌ଲାମ୍ ଧର୍ମକୁ ଆରବ୍ୟ ଭୂମିରେ ସ୍ଥାପନ କରିଦେଲେ ଏବଂ ଶେଷ ଯୁଗରେ ଏହି ସମାନତା ରହିଛି ଯେ, ଅଲ୍ଲାଃତାଲା ହ. ମୁସା ଅ.ସଙ୍କ ଶେଷ ଯୁଗରେ ଏପରି ଏକ ନବୀ ଅବତୀର୍ଣ୍ଣ କଲେ ଯିଏ ଜିହାଦ୍ ବିରୋଧୀ ଥିଲେ ଏବଂ ଧାର୍ମିକ ଯୁଦ୍ଧ ସହିତ ତାଙ୍କର କୌଣସି ସଂପର୍କ ନଥିଲା । ବରଂ କ୍ଷମା ଏବଂ ବିନମ୍ରତାର ଶିକ୍ଷା ଆପଣ ଅ.ସଙ୍କୁ ପ୍ରଦାନ କରାଯାଇଥିଲା । ସେ (ହ. ଇସା ଅ.ସ) ଏପରି ସମୟରେ ଆସିଥିଲେ ଯେତେବେଳେ ବନି ଇସ୍ରାଇଲ୍‌ର ଚାରିତ୍ରିକ ଅବସ୍ଥା ତଥା ଚାଲି ଚଳନରେ ସ୍ଖଳନ ଘଟିଥିଲା ଏବଂ ସେମାନେ ନିଜ ରାଜ୍ୟରେ କ୍ଷମତା ହରାଇଥିଲେ ଓ ରୋମୀୟ ଶାସନ ଅଧୀନ ହେଲେ । ତେଣୁ ହ. ଇସା ଅ.ସ (ଯୀଶୁ ଖ୍ରୀଷ୍ଟ) ହ. ମୁସା ଅ.ସଙ୍କ ଠାରୁ 1400 ବର୍ଷ ପରେ ପ୍ରାଦୁର୍ଭୂତ ହୋଇଥିଲେ ଏବଂ ତାଙ୍କ ଠାରେ ହିଁ ଇସ୍ରାଇଲୀୟ ଅବତାରତ୍ୱ ପରମ୍ପରା ସମାପ୍ତ ହୋଇଯାଇଥିଲା । ହ. ଇସା ଇ.ସ ଇସ୍ରାଇଲୀୟ ସଂପ୍ରଦାୟ ଏବଂ ଇସ୍ରାଇଲୀୟ ଅବତାରତ୍ୱରେ ଶେଷ ଇଟା ଥିଲେ। ଠିକ୍ ସେହିପରି ଆଁହଜରତ ସ.ଅ ଶେଷ ଯୁଗରେ ହ. ମସିହ୍ ଇବନେ ମରିୟମ୍ (ମରିୟମଙ୍କ ସୁପୁତ୍ର) ଙ୍କ ରଙ୍ଗରେ ଓ ଆପଣଙ୍କ ଗୁଣାବଳୀ ସହିତ ସମାନତା ରକ୍ଷା କରି ଅଲ୍ଲାଃତାଲା ମୋତେ (ହ. ମସିହ୍ ମଉଦ୍ ଅ.ସ)ଙ୍କୁ ପ୍ରେରଣ କଲେ ଓ ମୋ କାଳରେ ଜିହାଦ୍‌ର ପରମ୍ପରାକୁ (ସମାପ୍ତ) ଉହ୍ୟ କରିଦେଲେ । ଯେପରିକି ପୂର୍ବେ ହିଁ ସୂଚନା ପ୍ରଦାନ କରାଯାଇଥିଲା ଯେ, ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଜିହାଦ୍ କରିବା ସମାପ୍ତ ହୋଇଯିବ, ସେହିପରି ମୋତେ କ୍ଷମା ଏବଂ ବିନୀତତାର ଶିକ୍ଷା ପ୍ରଦର୍ଶନ କରିବାକୁ କୁହାଯାଇଛି । ମୁଁ ଏଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଆସିଲି ଯେତେବେଳେ ଅନେକ ମୁସଲମାନମାନଙ୍କର ଆଭ୍ୟନ୍ତରୀଣ ଅବସ୍ଥା ଇହୁଦୀମାନଙ୍କ ପରି ବିଶୃଙ୍ଖଳିତ ହୋଇଯାଇଥିଲା । ମୁସଲମାନମାଙ୍କ ମଧ୍ୟରେ ଆଧାତ୍ମିକତା ହଜି ଯାଇଥିଲା । କେବଳ ନୂତନ ପ୍ରଥା ଓ ପରମ୍ପରା ସେମାନଙ୍କ ମଧ୍ୟରେ ଅବଶିଷ୍ଟ ରହିଯାଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ପ୍ରକାଶରେ ମୁସା ଅ.ସଙ୍କ ସଂପ୍ରଦାୟ ମସିହ୍ ଓ ହ. ମୁହମ୍ମଦ ସ.ଅଙ୍କର ସଂପ୍ରଦାୟର ମସିହଙ୍କ ମଧ୍ୟରେ ଅନେକ ସମାନତା ଏବଂ ସାଦୃଶ୍ୟତା ଉପସ୍ଥାପିତ କଲେ । ସେହିପରି ଶେଷ ଯୁଗର ନିଦର୍ଶନ ଉପସ୍ଥାପିତ କରି ସାବ୍ୟସ୍ତ କଲେ ଯେ, ସାଂପ୍ରତିକ ଯୁଗ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଯୁଗ ଅଟେ ଓ ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହେମଦ୍ ସାହେବ କାଦିଆନୀ ଅ.ସ ହିଁ ସେହି ପ୍ରତିଶୃତ ମସିହ୍ ତଥା ଅଙ୍ଗୀକୃତ ମେହଦୀ ଅଟନ୍ତି ଯାହାଙ୍କ ଆଗମନର ଭବିଷ୍ୟବାଣୀ ପବିତ୍ର କୁରଆନ୍ କରୀମ୍‌ରେ ଓ ପୁଣ୍ୟଶ୍ଳୋକ ତଥା ନିବୀ ଶିରୋମଣୀ ହ. ମୁହମ୍ମଦ ସ.ଅ କରିଥିଲେ ।

ଆଜି ଲୋକମାନେ କାଦିଆନ୍‌ରେ ଏକତ୍ରିତ ହୋଇଛନ୍ତି ଏହି ଏକତ୍ର ହେବା ଉକ୍ତ କଥାର ଜ୍ୱଳନ୍ତ ପ୍ରମାଣ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରଚାର ମାଧ୍ୟମରେ ସଂସାରର ପ୍ରତ୍ୟେକ ରାଷ୍ଟ୍ରରେ ଇସ୍‌ଲାମ୍ ଧର୍ମର ଯେଉଁ ସନ୍ଦେଶ ପହଞ୍ଚିଛି ତାହା ଉକ୍ତ କଥାର ଜ୍ୱଳନ୍ତ ପ୍ରମାଣ ଅଟେ । ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ସମୟର ନିଦର୍ଶନ ଏବଂ ଲକ୍ଷଣର ଚର୍ଚ୍ଚା ଜାରି ରଖି ହୁଜୁର ଅନ୍‌ୱର୍ ଅ.ବ କହିଲେ ଯେ, وَإِذَا الْوُحُوشُ حُشِرَتْ ଅର୍ଥାତ୍ ଯେତେବେଳେ ହିଂସ୍ର ଜୀବମାନଙ୍କୁ ଲୋକମାନଙ୍କ ସହିତ ଏକତ୍ରିତ କରିଦିଆଯିବ । କହିବାର ତାତ୍ପର୍ଯ୍ୟ ଏହିକିଯେ, ହିଂସ୍ର ତଥା ପଶୁ ପ୍ରବୃତ୍ତି ଜଙ୍ଗଲୀ ଜାତିମାନେ ସଭ୍ୟତା ମୁହାଁ ହେବେ ଓ ସେମାନଙ୍କ ମଧ୍ୟରେ ମାନବିକତା ଓ ଶିଷ୍ଟାଚାର ଆଦି ଗୁଣାବଳୀ ସୃଷ୍ଟି ହେବ । ଶିଷ୍ଟ ଓ ଅଶିଷ୍ଟ (ନୀଚ) ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରଭେଦତା ରହିବ ନାହିଁ । ବରଂ ନୀଚ ବ୍ୟକ୍ତିମାନେ ଶିଷ୍ଟ ବ୍ୟକ୍ତିଙ୍କୁ ପରାହତ କରିଦେବେ । ଏପର୍ଯ୍ୟନ୍ତକି ଧନର କୁଞ୍ଜିକା ଓ ଶାସନ ଡୋର ବା କ୍ଷମତା ସେମାନଙ୍କ ହସ୍ତରେ ରହିବ ।

ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି ଯେ, وَإِذَا الْبِحَارُ فُجِّرَتْ ଯେତେବେଳେ ସମୁଦ୍ରକୁ ଚିରି ଦିଆଯିବ । ଅର୍ଥାତ୍ ଜମି କଷଣ କରି କେନାଲ୍ ପ୍ରବାହିତ କରିଦିଆଯିବ ଏବଂ ବହୁଳ ମାତ୍ରାରେ ଚାଷ କାର୍ଯ୍ୟ ସମ୍ପାଦନ ହେବ । ଯେତେବେଳେ ପର୍ବତ ଉପାଡ଼ି ଦିଆଯିବ ଏବଂ ସଡ଼କପଥ ଓ ରେଳପଥ ନିମନ୍ତେ ସ୍ଥାନ ନିର୍ମାଣ କରାଯିବ । ପୁନଶ୍ଚ କହିଲେ ଅତ୍ୟନ୍ତ ନିରକ୍ଷରତା ଏବଂ ପାପର କାଳୀମା ସଂସାରକୁ ଆଚ୍ଛାଦିତ କରି ପକାଇବ । ଚତୁର୍ଦ୍ଦିଗରେ ଅମା ଅନ୍ଧକାର ଖେଳିଯିବ । ସେହି ସମୟରେ ଆକାଶରୁ ତାରକାମାନ ଖସି ପଡ଼ିବେ । ଅର୍ଥାତ ଐଶୀ ସମ୍ପନ୍ନ ବିଦ୍ୱାନ୍‌ମାନଙ୍କର ମୃତ୍ୟୁ ଘଟିବ। ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି ଯେ, ମନେରଖ ! ମସହି ମଉଦ୍ ଅ.ସଙ୍କ ଆଗମନ ନିମନ୍ତେ ଇଞ୍ଜିଲ୍‌ରେ ମଧ୍ୟ ଭବିଷ୍ୟତବାଣୀ ଉଲ୍ଲେଖ ରହିଛି । ଅର୍ଥାତ୍ ସେହି ସମୟଟି ଆସିବ ଆସିବ ଯେତେବେଳେ ସୂର୍ଯ୍ୟ ଚନ୍ଦ୍ରର ଆଲୋକ କ୍ଷୀଣ ହୋଇଯିବ । ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି: ଯେତେବେଳେ ରସୁଲ୍ (ଅବତାର) ନିର୍ଦ୍ଧାରିତ ସମୟରେ ଆସିବେ । ଅର୍ଥାତ ଉକ୍ତ ଇଙ୍ଗିତର ସତ୍ୟତା ମସିହ୍ ମଉଦ୍ ଅ.ସଙ୍କ ଆଗମନ ଆଡ଼କୁ ରହିଛି । କହିବାର ତାତ୍ପର୍ଯ୍ୟ ଏହିକିଯେ, ମସିହ୍ ମଉଦ୍ ଯଥା ସମୟରେ ଆସିବେ। ଆଜିକାଲି ବିଦ୍ୱାନ୍‌ମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ନସ୍ୱୀକାର କରିବାର ପ୍ରମାଣ ଏବଂ ଆଳ ଖୋଜି କୁହନ୍ତି ଯେ, ପ୍ରଳୟ ଦିବସ ପାଖ ଯୁଗ ହେବ କିନ୍ତୁ ଯେତେବେଳେ ପ୍ରଳୟ ଦିବସ ଆସିବ ସେତେବେଳେ ଅବତରାମାନଙ୍କୁ ଏକତ୍ରିତ କରିବାର ଯଥାର୍ଥତା କ'ଣ ପାଇଁ ? ପ୍ରକୃତ କଥା ଏହିକିଯେ, ଆଁହଜରତ ସ.ଅଙ୍କ ଦାସତ୍ୱରେ ଜଣେ ଅବତାର ଆସିବେ ଯିଏ ସମସ୍ତ ଅବତାରମାନଙ୍କର ଧର୍ମାବଲମ୍ବୀମାନଙ୍କୁ ଏକତ୍ରିତ କରିବା ଓ ସେମାନଙ୍କୁ ଆଁହଜରତ ସ.ଅଙ୍କ ଦାସତ୍ୱ ଅଧୀନ ନେଇ ଆସିବେ । ଏପରି ହୁଅନ୍ତା କି ନାମକ ମାତ୍ର ବିଦ୍ୱାନ୍‌ମାନେ ଉକ୍ତ ମର୍ମ ବିନ୍ଦୁଙ୍କୁ ବିଝି ନିଅନ୍ତେ ।

ପୁନଶ୍ଚ ଅଲ୍ଲାଃତାଲାଙ୍କ ସମର୍ଥନର ନିଦର୍ଶନର ଚର୍ଚ୍ଚା କରି ହ. ମସିହ୍ ମଉଦ୍ ଅ.ସକୁହନ୍ତି: ଅବଦୁଲ୍ ହକ୍ ଗଜ୍‌ନୱୀ ମୋ ସହିତ ମୁବାହିଲା (ପରସ୍ପରକୁ ଅଭିଶାପ ଦେବା) କଲା ଓ କହିଲା କି ଏହା (ମୁବାହିଲା ପରେ) ଫଳରେ ମୋ ଘରେ ଏକ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିବ । କିନ୍ତୁ ଚଉଦ ବର୍ଷ ବିତିଗଲା ବର୍ତ୍ତମାନ ସୁଦ୍ଧା ତା' ଘରେ କୌଣସି ପୁତ୍ର ଜନ୍ମ ହେଲା ନାହିଁ । କିନ୍ତୁ ଉକ୍ତ ଅବଧି ମଧ୍ୟରେ ମୋ (ହ. ମସିହ୍ ମଉଦ୍ ଅ.ସଙ୍କ ଘରେ) ଘରେ ଅନେକ ପୁତ୍ର ଜନ୍ମ ଗ୍ରହଣ କଲେ । ଚିରାଗ୍ ଦିନ୍ ଜମ୍ମୁନୀ ସ୍ୱୟଂ ମୁବାହିଲା କଲା ଓ କିଛି ଦିନ ପରେ ନିଜର ଦୁଇ ପୁତ୍ର ସମେତ ମୃତ୍ୟୁବରଣ କଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ଉକ୍ତ ସମର୍ଥନମୂଳକ ନିଦର୍ଶନ ଆଜି ମଧ୍ୟ ଜାରି ରହିଛି ଏହା ସଂସାରର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରଭୁଙ୍କର ଅପାର ଲୀଳା ଓ ନିଦର୍ଶନ ବିଦ୍ୟମାନ ରହିଛି ଯେ, ଅଲ୍ଲାଃତାଲା କିପରି ଲୋକମାନଙ୍କର ସ୍ୱପ୍ନ ମାଧ୍ୟମରେ ସାହାଯ୍ୟ କରି ସେମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରିଥାଆନ୍ତି । ହୁଜୁର ଅନ୍‌ୱର୍ ଅ.ବ ଅହରହ ଦୁଆର ଆହ୍ୱାନ ଜଣାଇ ଶେଷରେ କହିଲେ, ଆପଣମାନେ ବିଶେଷ ରୂପେ ନବବର୍ଷ ମଙ୍ଗଳମୟ ଓ କଲ୍ୟାଣମୟ ହେବା ନିମନ୍ତେ ଦୁଆ କରନ୍ତୁ। ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ଜମାଅତ୍ ଅହେମଦିୟାକୁ ଅତିରିକ୍ତ ଉନ୍ନତି ପ୍ରଦାନ କରି ଚାଲନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ 5.19 ମନିଟରେ ଦୁଆ କରାଇଲେ । ଦୁଆ ପରେ ପ୍ରଥମେ କାଦିଆନ ଦାରୁଲ୍ ଅମାନରୁ ଉର୍ଦ୍ଦୁ, ଆରବୀ ଓ ଆଞ୍ଚଳିକ ଭାଷାରେ ତରାନା ପରିବେଷଣ କରାଗଲା । ଏତଦ୍‌ପରେ ଟୋଗୋ, ଗିନିବସାଓରୁ ଜଲ୍‌ସାରେ ସାମିଲ ହୋଇଥିବା ଲୋକମାନେ ପାରମ୍ପାରିକ ଢଙ୍ଗରେ ସୁନ୍ଦର ଗୀତୀମୟ ଶୈଳୀରେ ଆରବୀ ଓ ସ୍ଥାନୀୟ ଭାଷାରେ ତରାନା ପରିବେଷଣ କରି ଖଲିଫତେ ଅହେମଦିୟା ସହିତ ନିଜର ପ୍ରେମପୂର୍ଣ୍ଣ ଆସ୍ଥା ଓ ଆନ୍ତରୀକତା ପରିପ୍ରକାଶ କଲେ । 5.43ରେ ହୁଜୁର ଅନୱର୍ ଅ.ବ **ଅସ୍ ସଲାମୁ ଅଲୈକୁମ୍** ଅଭିବାଦନ ଜଣାଇ ଐୱାନେ ଅନସାର୍‌ରୁ ପ୍ରସ୍ଥାନ କଲେ ।

### ଜଲସା ମସ୍ତୁରାତ୍ (ମହିଳାମାନଙ୍କର ଜଲସା)

ଲଜ୍‌ନା ଇମାଇଲ୍ଲା ଭାରତକୁ ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଇଜ୍‌ଲାସ୍ ଆୟୋଜନ କରିବାକୁ ସାମର୍ଥ୍ୟ ଲାଭ ହେଲା । କାର୍ଯ୍ୟକ୍ରମର ସଭାପତିତ୍ୱ ଲଜ୍‌ନା ଇମାଇଲ୍ଲାଃ ଭାରତର ପୂର୍ବତନ ସଭାପତିନୀ ସମିମ୍ ଅଖତର ଜ୍ଞାନୀ ସାହେବା କଲେ । କାର୍ଯ୍ୟକ୍ରମର ଆରମ୍ଭ ସମ୍ମାନନୀୟା ତେହ୍‌ମିଦା ଉମର୍ ସାହେବାଙ୍କ ଦ୍ୱାରା ତିଲାୱତ୍ କୁରଆନ୍ କରୀମ ମାଧ୍ୟମରେ ହେଲା । ଏତଦ୍‌ପରେ ସମ୍ମାନନୀୟା ନୈୟେରାହ୍ ତନ୍‌ୱୀର୍ ଫାରିଆ ସାହିବା ଉର୍ଦ୍ଦୁ ଅନୁବାଦ ଉପସ୍ଥାପିତ କଲେ । ଏତଦ୍‌ପରେ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର କବିତାବଳୀ" جو خاک میں ملے اُسے ملتا ہے آشنا" ସମ୍ମାନନୀୟ ସାରାହ୍ ୱକଫି ସାହେବା ଅତ୍ୟନ୍ତ ସୁନ୍ଦର କଣ୍ଠରେ ପରିବେଷଣ କଲେ । ଏତଦ୍‌ପରେ ଇଜ୍‌ଲାସ୍‌ର ପ୍ରଥମ ଭାଷଣ ସମ୍ମାନନୀୟ ଅମତୁନ୍ ନସୀର ବୁଶ୍ରା ସାହେବା ସେକ୍ରେଟାରୀ ତେହ୍‌ରିକେ ଜଦିଦ୍, ୱକ୍‌ଫେ ଜଦିଦ୍, ଲଜ୍‌ନା ଇମାଇଲ୍ଲାଃ ଭାରତ "ବିଶ୍ୱାସକାରୀଣୀଙ୍କର ଲକ୍ଷଣ ଓ ସାଂପ୍ରତିକ କାଳରେ ବିଶ୍ୱାସ ପ୍ରାପ୍ତି" ଏତଦ୍‌ପରେ ସ୍ତୁତିଗାନମୂଳକ କବିତା وہ جو احمدؐ ہے اور احمدؐ ہے ସମ୍ମାନନୀୟ କୁଦ୍‌ସିୟା ସାହେବା ଅତ୍ୟନ୍ତ ସୁନ୍ଦର କଣ୍ଠରେ ପାଠ କଲେ । ଏତଦ୍‌ପରେ ଇଜ୍‌ଲାସ୍‌ର ଦ୍ୱିତୀୟ ଭାଷଣ ନାଏବ୍ ସଦ୍‌ରେ ଅୱଲ୍ ଲଜ୍‌ନା ଇମାଇଲ୍ଲାଃ ଭାରତ ସମ୍ମାନନୀୟା ଅମତୁଲ୍ ୱସି ଶମାଇଲା ସାହେବା "ସାହାବିୟାତେ ରସୁଲୁଲ୍ଲାଃ ସ.ଅଙ୍କ ଅଦ୍ୱିତୀୟ ବା ଅନୁପମେୟ ବଳିଦାନ" ବିଷୟ ବସ୍ତୁ ଉପରେ ଭାଷଣ ଦେଲେ । ଭାଷଣ ପରେ ଲଜନା ଇମାଇଲ୍ଲାଃ କାଦିଆନ୍‌ର ସଦସ୍ୟାମାନେ ତରାନା ଉପସ୍ଥାପିତ କଲେ। ଏତଦ୍‌ପରେ ଲଜ୍‌ନା ଇମାଇଲ୍ଲାଃର ଶତବାର୍ଷିକ ହୀରକ ଜୟନ୍ତୀ ଅବସରରେ ମକାଲା (ନିବନ୍ଧ ଲିଖନ)ନୱିସୀର କାର୍ଯ୍ୟକ୍ରରେ ଉଚ୍ଚ ସ୍ଥାନ ଅଧିକାର କରିଥିବା ଲଜ୍‌ନାର ସଦସ୍ୟାଙ୍କୁ ପୁରସ୍କାର ବିତରଣ କଲେ । ସଭାପତି ମହୋଦୟାଙ୍କ ଦୁଆ ସହିତ ମସ୍ତୁରାତଙ୍କ (ମହିଳାଙ୍କ) ଉକ୍ତ ଜଲସା ସମ୍ପନ୍ନ ହେଲା ।

### କାଦିଆନ୍ ସହିତ ଅଫ୍ରିକୀୟ ଦେଶମାନଙ୍କର ଜଲସା

ଜଲ୍‌ସାର ପୂର୍ବ ଦିନ ଖରା ଥିଲା । ସଜ୍ଜନ ବ୍ୟକ୍ତିମାନେ ପ୍ରଥମ ଦିନର ଜଲ୍‌ସାର କାର୍ଯ୍ୟକ୍ରମ ସୂର୍ଯ୍ୟର କ୍ଷୀଣ ଆଲୋକ ଓ କ୍ଷୀଣ ଉତ୍ତାପରେ ହିଁ ଅତ୍ୟନ୍ତ ଶାନ୍ତି, ଶଙ୍ଖଳିତ ଏବଂ ଧୀରସ୍ଥିର ଭାବରେ ଶୁଣିଲେ । ଜଲ୍‌ସାର ଶେଷ ଦୁଇ ଦିନ ଚରମ ସୀମରେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 08 FEBRUARY 2024 Issue No.-6

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଥିଲା । କିନ୍ତୁ ଜମାଅତ୍‌ର ସଦସ୍ୟବୃନ୍ଦ ଅତ୍ୟନ୍ତ ଆଗ୍ରହ ଓ ସ୍ପୃହାର ସହିତ ଜଲ୍‌ସାର କାର୍ଯ୍ୟକ୍ରମକୁ ଶୁଣିଲେ । ହୁଜୁର ଅନ୍‌ୱର୍ ଅ.ବ ଉଦ୍‌ବୋଧନ ସମୟରେ ଯଦିଚ ଶିତୁଆ ପାଗ ଥିଲା କିନ୍ତୁ ଏସବୁ ସତ୍ତ୍ୱେ ଜଲ୍‌ସା ଗାହ୍ ଖଚାଖଚ ଭର୍ତ୍ତି ହୋଇଥିଲା । ଜମାଅତ୍‌ର ସଦସ୍ୟବୃନ୍ଦ କାନ୍ଧକୁ କାନ୍ଧ ମିଶାଇ ହୁଜୁର ଅନ୍‌ୱର୍ ଅ.ବଙ୍କ ଚକ୍ଷୁବର୍ଦ୍ଧକ ଅଭିଭାଷଣ ଶୁଣିଲେ । ଆଫ୍ରିକାର ଚାରୋଟି ଦେଶ ଯଥା- ସିନିଗଲ୍, ଟୋଗୋ, ଗିନି କନାକେରୀ, ଗିନି ବସାଓ ଇତ୍ୟାଦି ଦେଶରେ ମଧ ସେହି ଦିନମାନଙ୍କର ଜଲ୍‌ସା ସାଲାନା ହେଉଥିଲା । ସେମାନେ ମଧ ନିଜ ଜଲ୍‌ସା ଗାହ୍‌ରେ ହଜାର ହଜାର ସଂଖ୍ୟକ ହୋଇ ବସିଥିଲେ ଏବଂ ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନ ଶୁଣୁଥିଲେ । ଉକ୍ତ ଦୃଶ୍ୟଟି ଅତ୍ୟନ୍ତ ଭବ୍ୟ ଓ ଚକ୍ଷୁବର୍ଦ୍ଧକ ଥିଲା । ହୁଜୁର ଅନ୍‌ୱର ନିଜର ଉଦ୍‌ବୋଧନରେ କହିଲେ ଯେ, ଏହା ଅହେମଦିୟତ୍‌ର ସତ୍ୟତାର ବଳିଷ୍ଠ ପ୍ରମାଣ ଅଟେ । ଜଲ୍‌ସା ଗାହ୍‌ରେ ରୋପଣ କରାଯାଇଥିବା ବଡ଼ ବଡ଼ LEDରେ ସେହି ଦେଶମାନଙ୍କରେ ଜଲ୍‌ସା ଗାହ୍‌ରେ ବସିଥିବା ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଦୃଶ୍ୟ ବାରମ୍ବାର ପ୍ରସାରଣ କରାଯଉଥିଲା । ସେହିପରି ମସ୍‌ଜିଦେ ମୁବାରକ, ମସ୍‌ଜିଦେ ଅକ୍‌ସା ଓ ମିନାରତୁଲ୍ ମସିହ୍‌ର ଦୃଶ୍ୟ ମଧ ଦର୍ଶକମାନଙ୍କୁ ଏମ.ଟି.ଏ ଦେଖାଉଥିଲା । ଉକ୍ତ ଦୃଶ୍ୟ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଥିଲା । ରାତ୍ର ସମୟରେ ମିନାରତୁଲ୍ ମସିହ୍ ଓ ମସ୍‌ଜିଦେ ଅକ୍‌ସା ଧବଳ ବର୍ଣ୍ଣର ଆଲୋକମାଳାରେ ସ୍ନାନ କରିଥିବାର ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର ଓ ବେଶ୍ ଆକର୍ଷଣୀୟ ଥିଲା ।

### ଶୋବା (ବିଭାଗ) ତର୍ବିୟତ୍

ତା 27 ଡିସେମ୍ବରରୁ 2 ଜାନୁୟାରୀ ପର୍ଯ୍ୟନ୍ତ ମସ୍‌ଜିଦେ ଅକ୍‌ସା ଓ ମସ୍‌ଜିଦେ ଅନ୍‌ୱାର ଠାରେ ଜଲ୍‌ସାର ତିନି ଦିନ କାଦିଆନର ସମସ୍ତ ମସଜିଦ୍‌ରେ ବାଜମାଅତ୍ ନମାଜ ତେହଜ୍ଜୁଦର ଆୟୋଜନ କରାଯାଇଥିଲା । ତେହଜ୍ଜୁଦ୍ ନମାଜ ନିମନ୍ତେ ଶୋଭା ତର୍ବିୟତ୍ ପକ୍ଷରୁ ନିଦ୍ରାବସ୍ଥାରୁ ଜାଗ୍ରତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ଦୁରୁଦ୍ ଶରୀଫ୍ ଓ ପବିତ୍ର କବିତା ପାଠ କରି ନମାଜ ତେହଜ୍ଜୁଦ୍ ନିମନ୍ତେ ଲୋକମାନଙ୍କୁ ଜାଗ୍ରତ କରାଗଲା । ନମାଜ ଫଜର୍ ପରେ ତଫ୍‌ସିରରୁ ପବିତ୍ର କୁରଆନ୍ କରୀମ୍ ମଜିଦ୍‌ର ଦରସ୍ (ଅଧ୍ୟାପନା) ପ୍ରଦାନ କରାଗଲା । କାଦିଆନ୍‌ର ସମସ୍ତ ମୁହଲ୍ଲାମାନଙ୍କରେ ଓ ଜଲ୍‌ସା ଗାହ୍‌ରେ ତର୍ବିୟତି (ସାଂସ୍କାରିକ) ବ୍ୟାନର ଲଗା ଯାଇଥିଲା ।

### ନିକାହ୍‌ର ଘୋଷଣା

ଜଲ୍‌ସା ଅବସରରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଏହି ଇଚ୍ଛା ହୋଇଥାଏ ଯେ, କାଦିଆନର ପୁଣ୍ୟଭୂମି ଓ ପୁଣ୍ୟ ବସ୍ତିରେ ସେମାନଙ୍କ ସନ୍ତାନମାନଙ୍କ ମଧ ନିକାହ୍‌ର ଏଲାନ୍ (ଘୋଷଣା) ହେଉ । ସୁତରାଂ ଜଲ୍‌ସାର ଦ୍ୱିତୀୟ ଦିନ ନମାଜେ ମଗରିବ୍ ଓ ଇଶା, ମସ୍‌ଜିଦ୍ ଦାରୁଲ୍ ଅନ୍‌ୱାର୍ ଠାରେ ନିକାହ୍‌ର ଏଲାନ୍ ହେଲା ।

### ତର୍ଜୁମାନୀ (ଅନୁବାଦ)

ଚଳିତ ବର୍ଷ ନିମ୍ନଲିଖିତ 9ଟି ଭାଷାରେ ତର୍ଜୁମାନୀ (ଅନୁବାଦ)ର ବ୍ୟବସ୍ଥା ହୋଇଥିଲା ଯଥା- ଆରବୀ, ଋଷୀୟ, ଇଣ୍ଡୋନେସୀୟ, ଇଂରାଜୀ, ମାଲିୟାଲମ୍, ତାମିଲ୍, ତେଲୁଗୁ, ବାଂଲା, କନ୍ନଡ଼ ଇତ୍ୟାଦି । 1200ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ଅନୁବାଦରୁ ଉପକୃତ ହେଲେ । ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଓ ବିଶେଷ କରି ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ଯାପନୀ ଉଦ୍‌ବୋଧନ ଉପରୋକ୍ତରେ ବର୍ଣ୍ଣିତ 9 ଭାଷାରେ ଅନୁବାଦ କରାଯାଇଥିଲା । ମହିଳାମାନଙ୍କର ବିଶେଷ ଅଧେବଶନ ମଧ 5ଟି ଭାଷାରେ ଅନୁବାଦ କରାଗଲା । ଅନ୍ୟ ମହିଳାମାନେ ମଧ ନିତ୍ୟ ପରମ୍ପରାନୁଯାୟୀ ଜଲ୍‌ସାଗାହ୍‌ର କାର୍ଯ୍ୟକ୍ରମକୁ 9ଟି ଭାଷାର ଅନୁବାଦରୁ ଉପକୃତ ହେଉଥିଲେ । ଚଳିତ ବର୍ଷ ମାଲିୟାଲମ୍, ତାମିଲ୍ ବ୍ୟତୀତ ପ୍ରଥମ ଥର କରି ବାଂଲାଦେଶରେ ଲାଇଭ୍ ଷ୍ଟ୍ରିମିଂ ପ୍ରସାରଣ କରାଗଲା । ଅଲହମ୍‌ଦୁ ଲିଲ୍ଲାଃ ।

### ଲାଇଭ୍ ଷ୍ଟ୍ରିମିଂ

ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ପ୍ରସାରଣ କରାଯାଇଥିଲା । ଏହା ଦ୍ୱାରା କେବଳ ଭାରତବର୍ଷର ଜମାଅତ୍‌ମାନେ ଭରପୁର ଭାବରେ ଉପକୃତ ହେଲେ ନାହିଁ ବରଂ ବହିର୍ଦ୍ଦେଶର ଲୋକମାନେ ମଧ ଜଲ୍‌ସାର କାର୍ଯ୍ୟକ୍ରମ ପ୍ରସରାଣ ଦେଖିପାରିଲେ ।

### କାଦିଆନ୍ ଦାରୁଲ୍ ଅମାନରୁ ଇଂରାଜୀ ଭାଷାରେ "The Messiah of the Age" ବିଷୟବସ୍ତୁ ଉପରେ ସିଧା ପ୍ରସରାଣ

କାଦିଆନ୍ ଦାରୁଲ୍ ଅମାନରୁ ଇଂରାଜୀ ଭାଷାରେ "The Messiah of the Age" ବିଷୟବସ୍ତୁ ଉପରେ ସିଧା ପ୍ରସରାଣ ତା-5ରୁ ତା-7 ଜାନୁୟାରୀ 2004 ମସିହ, ଶୁକ୍ରବାର, ଶନିବାର ଓ ରବିବାର ଏମ.ଟି.ଏ ଇଣ୍ଟରନେସ୍‌ନାଲରେ ସିଧା ପ୍ରସାରଣ କରାଗଲା ।

### କିୟାମ୍‌ଗାହ୍, ନିଜାମତ୍ ଓ ଶୋବାଜାତ୍

ଚଳିତ ବର୍ଷ ଅତିଥମାନଙ୍କର ରହଣୀ ନିମନ୍ତେ 24ଟି କିୟାମ୍‌ଗାହ୍ ପ୍ରସ୍ତୁତ କରାଯାଇଥିଲା । 35ଟି ନିଜାମତ୍‌ର ନାଜିମିନ୍ (ବିଭାଗୀୟ ମୁଖ୍ୟ), ନାଏବ୍ ନାଜିମିନ୍ ଓ ମୁଆୱିନିନ୍ (ସ୍ୱେଚ୍ଛା ସେବୀମାନେ) ଦିବାରାତ୍ର ସେବା କରିବାରେ ବ୍ୟସ୍ତ ରହିଥିଲେ । 4ଟି ଲଙ୍ଗରରେ ଖାଦ୍ୟ ପ୍ରସ୍ତୁତ କରାଗଲା । ଅପରପକ୍ଷେ ରୋଟି ପ୍ଲାଣ୍ଟ୍‌ରେ ନୂତନ ମେଶିନ ମାଧ୍ୟମରେ ଦିବା ରାତ୍ର ହଜାର ହଜାର ସଂଖ୍ୟାରେ ଅତିଥିମାନଙ୍କ ସକାଶେ ରୁଟି ତିଆରି ହେଉଥିଲା । ଏତଦ୍‌ଭିନ୍ନ ଶୋବା ଜଲ୍‌ସାଗାହ୍ ଅଧୀନ 20 ଓ ଲଜ୍‌ନା ଇମାଇଲ୍ଲାଃ ଅଧୀନ 15ଟି ବିଭିନ୍ନ ଶୋବା ଅଧୀନ ସ୍ୱେଚ୍ଛାସେବୀମାନେ ନିଜ ନିଜର ଦାୟିତ୍ୱାବଳୀକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସମ୍ପାଦନ କଲେ ।

### ଶୋବା ଖିଦ୍‌ମତେ ଖଲକ୍

ଜଲ୍‌ସା ସାଲାନା କାଦିଆନ୍‌ର ଏକ ପ୍ରମୁଖ ଶୋବା **"ଶୋବା ଖିଦ୍‌ମେତ ଖଲକ୍"**ମଧ ରହିଛି । ଏହି ବିଭାଗ ଅଧୀନ ଶୃଙ୍ଖଳା ରକ୍ଷା, ସୁରକ୍ଷା ଡ୍ୟୁଟି ଆଦି ସମ୍ପାଦନ କରାଯାଉଥିଲା । ଚଳିତ୍ ବର୍ଷ ଭାରତର ବିଭିନ୍ନ ପ୍ରାନ୍ତ ତଥା ବିଭିନ୍ନ ରାଜ୍ୟର ମଜାଲିସ୍‌ମାନଙ୍କରୁ 419ଟି ଓ କାଦିଆନ୍‌ରୁ 300ଜଣ ଖୁଦାମ୍ ଉକ୍ତ ବିଭାଗ ଅଧୀନ ଡ୍ୟୁଟି ସମ୍ପାଦନ କରିଥିଲେ । ଏତଦ୍‌ଭିନ୍ନ ସଫେ ଦୋଅମ୍ (ଦ୍ୱିତୀୟ ଧାଡ଼ିର ବୃଦ୍ଧମାନେ) ଅନ୍‌ସାରମାନଙ୍କର ଏକ ଟିମ୍‌କୁ ମଧ ସେବା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଶୋବା ଖିଦ୍‌ମତେ ଖଲକ୍ ଅଧୀନ ଅନ୍ୟ ବିଭାଗଗୁଡ଼ିକ ହେଲେ- ଶୋବା ରୋଜିଷ୍ଟ୍ରେସନ୍ (ପଞ୍ଜିକରଣ ବିଭାଗ) ଅନ୍ତର୍ଗତ ବାହ୍ୟ ଓ ଆଭ୍ୟନ୍ତରୀଣ ଦେଶମାନଙ୍କରୁ ଆଗତ ସମସ୍ତ ଅତିଥିମାନଙ୍କର ପଞ୍ଜିକରଣ କରାଗଲା ଓ ସେମାନଙ୍କୁ ଜଲ୍‌ସା ସାଲାନା ନିମନ୍ତେ ରେଜିଷ୍ଟ୍ରେସନ କାର୍ଡ଼ ମଧ ପ୍ରଦାନ କରାଇ ଦିଆଗଲା । ଦାରୁଲ୍ ମସିହ୍, ବହିଶ୍‌ତି ମକ୍‌ବରାହ୍ ଓ ଜଲ୍‌ସା ଗାହ୍‌ରେ ଉକ୍ତ ବିଭାଗ (ଶୋବା ଖିଦ୍‌ମତେ ଖଲକ୍) ପ୍ରତ୍ୟେକ ପ୍ରବେଶକାରୀଙ୍କର ନିମନ୍ତେ ଚେକିଂର ବ୍ୟବସ୍ଥା ମଧ କରାଯାଇଥିଲା । ସେହିପରି ମସ୍‌ଜିଦ୍‌ମାନଙ୍କରେ ଧାଡ଼ି ବାନ୍ଧିବା, ରାସ୍ତା, ଗଳିକନ୍ଦିରେ ଟ୍ରାଫିକ୍ ଓ ପାର୍କିଂର ବ୍ୟବସ୍ଥା, ଜଲ୍‌ସା ଗାହ୍‌ରେ ଅତିଥିମାନଙ୍କୁ ଜଳପାନ କରାଇବା ମଧ ବ୍ୟବସ୍ଥା ରହିଥିଲା । କିୟାମ୍‌ଗାହ୍ (ରହଣୀ ସ୍ଥାନ)ମାନଙ୍କରେ ଓ କାଦିଆନ୍‌ରେ ପ୍ରବେଶ ପଥମାନଙ୍କରେ 24 ଘଣ୍ଟିଆ ସୁରକ୍ଷା ଡ୍ୟୁଟି ଉକ୍ତ ବିଭାଗ ଅଧୀନ ଖୁଦାମମାନେ ସମ୍ପାଦନ କରିଥିଲେ । ସେହିପରି ହେଲ୍‌ପ୍ ଡେସ୍କ୍ (ସାହାଯ୍ୟ), ଲଷ୍ଟ ଆଣ୍ଡ ଫାଉଣ୍ଡ୍ (ହଜିଯାଇଥିବା ଜିନିଷ ଓ ପାଇଥିବା ଜିନିଷ), ସୂଚନା ଏବଂ ଘୋଷଣା, ଫାର୍ଷ୍ଟ ଏଡ୍ (ପ୍ରାଥମିକ ଚକିତ୍ସା) ଆଦି ଜୈଳି ଶୋବା (ଖିଦ୍‌ମତେ ଖଲକ୍ ଅଧୀନ ଉପ ବିଭାଗ)ଗୁଡ଼ିକ ଅଧୀନ ମଧ ଖୁଦାମ୍‌ମାନେ ଡ୍ୟୁଟି ସମ୍ପାଦନ କରିଛନ୍ତି । କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଜଲ୍‌ସା ଗାହ୍‌ରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିକୁ କୋଭିଡ୍ ସତର୍କତା ହୋମିଓପାଥୀ ଔଷଧ ପାନ କରାଇବା ମଧ ବ୍ୟବସ୍ଥା କରାଯାଇଥିଲା। ଏତଦ୍‌ଭିନ୍ନ ମସଜିଦ୍‌ରେ ରହଣୀ ସ୍ଥାନମାନଙ୍କୁ ପରିଷ୍କାର ଏବଂ ଧୁଆଧୁଇର ମଧ ବ୍ୟବସ୍ଥା କରାଗଲା । ଦାରୁଲ୍ ବୈଅତ୍ ଲୁଧିୟାନା ଓ ହୋଶିୟାରପୁର୍ ସ୍ଥିତ ଚିଲ୍ଲାକଶି ଗୃହ ଏବଂ ସ୍ଥାନରେ ମଧ ଖୁଦାମମାନଙ୍କୁ ଡ୍ୟୁଟିରେ ନିୟୋଜିତ କରାଗଲା । ଲିୱାଏ ଅହେମଦିୟତ୍ (ଅହେମଦିୟତ୍‌ର ଧ୍ୱଜା)କୁ ଅତ୍ୟନ୍ତ ବ୍ୟବସ୍ଥିତ ପନ୍ଥା, ନିର୍ଦ୍ଧାରିତ ମାର୍ଗଦର୍ଶନ ଅନୁଯାୟୀ ଓ ବର୍ଣ୍ଣନାନୁଯାୟୀ ନିୟମାନୁବର୍ତ୍ତୀର ସହିତ ଖୁଦାମମାନଙ୍କର ସୁରକ୍ଷା ଡ୍ୟୁଟିର ସହିତ ଜଲସା ସାଲାନାର ତିନି ଦିନ ପର୍ଯ୍ୟନ୍ତ ଜଲ୍‌ସା ଗାହ୍‌କୁ ନିଆଯାଉଥିଲା ଓ ପୁନଶ୍ଚ ଫେରାଇ ଅଣାଗଲା । ଅଲ୍ଲାଃତାଲା ସମସ୍ତ ଖୁଦାମ, ଅନସାର୍‌ଓ ଲଜନା ଇମାଇଲ୍ଲାଃମାନଙ୍କର ସଦସ୍ୟ ଓ ସଦସ୍ୟାବୃନ୍ଦଙ୍କର ତ୍ୟାଗପୂତ ସେବାକୁ ସ୍ୱୀକାର କରନ୍ତୁ । ଆମିନ୍ ।

☆ ☆ ☆

### ନବୀ ସ.ଅଙ୍କ ବାଣୀ:-

**"ଇନ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଶର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan